**ବରିଷ୍ଠ ନାଗରିକ ତୀର୍ଥ ଯାତ୍ରାର ଶୁଭାରମ୍ଭ**

ମାଲକାନଗିରି,(ଦୁର୍ଯ୍ୟୋଧନ ପାତ୍ର)- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ମାଲକାନଗିରି ଜିଲାରୁ ୮ଜଣ ତୀର୍ଥ ଯାତ୍ରୀଙ୍କୁ ନେଇ ଏକ ବସ୍ ରାୟଗଡା ଅଭିମୁଖେ ଯାତ୍ରା କରିଛି। ଏହି ତୀର୍ଥ ଯାତ୍ରା ବସକୁ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲ ସବୁଜ ପତାକା ଦେଖାଇ ଉଦ୍ଘାଟନ କରିଥିଲେ। ଜିଲାପାଳ ବିଶାଲ ସିଂ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆତମା ରାବା, ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ ଉପସ୍ଥିତ ରହି ତୀର୍ଥ ଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ସଂକ୍ଷେପରେ

### ୪ ଦିନ ପରେ ପାତାଳୀ ନଦୀରୁ ଯୁବକଙ୍କ ମୃତଦେହ ଜବତ

ନନ୍ଦପୁର, ୧୮।୧୨ (ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ପାଡୁଆ ଥାନା ଅନ୍ତର୍ଗତ ପାତାଳୀ ନଦୀର ଗୋଲୁର ଡଙ୍ଗାଘାଟରୁ ସୋମବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଏହା ଦେଖି ସ୍ଥାନୀୟ ଲୋକେ ପାଡୁଆ ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ଅଶୋକ ବିଶୋୟୀଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହ ଜବତ କରିଥିଲେ। ପରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ତହସିଲଦାର ଅନାଦି ଚରଣ ସାହୁଙ୍କ ଉପସ୍ଥିତିରେ ମୃତଦେହ ଚିହ୍ନଟ କରାଯାଇଥିଲା। ମୃତକ ଜଣକ ଦାରଲିପୁଟ ଗ୍ରାମର ଲିଙ୍ଗରାଜ ହନ୍ତାଳ (୩୫) ବୋଲି ଜଣାପଡିବା ପରେ ପରିବାର ଲୋକଙ୍କୁ ଅବଗତ କରାଯାଇଥିଲା। ପରିବାର ଲୋକେ ପହଞ୍ଚି ଲିଙ୍ଗରାଜ ପାତାଳୀ ନଦୀ ଆରପଟେ ଗଙ୍ଗାଗୁଡା ଗ୍ରାମରେ ଥିବା ଧାନଜମିକୁ ଗତ ଗୁରୁବାର ଧାନ ଅମଳ କରିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ ବୋଲି ପ୍ରକାଶ କରିଥିଲେ। ପାଡୁଆ ପୋଲିସ ଏକ ମାମଲା ରୁଜୁ କରି ଏହାର ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଯବାନ-ମାଓବାଦୀ ଗୁଳିବିନିମୟ

ମାଲକାନଗିରି,୧୮।୧୨(ଦୁର୍ଯ୍ୟୋଧନ ପାତ୍ର):

ଛତିଶଗଡର ବିଜାପୁର ଜିଲାର ମାଓବାଦୀଙ୍କ ଗଡ କୁହାଯାଉଥିବା କୋରମା ଜଙ୍ଗଲରେ ସୁରକ୍ଷାବାହିନୀ ଯବାନ ଓ ମାଓବାଦୀ ମଧ୍ୟରେ ସୋମବାର ଗୁଳି ବିନିମୟ ହୋଇଛି। ସୁରକ୍ଷାବାହିନୀ ଏକ ମାଓବାଦୀ କ୍ୟାମ୍ପକୁ ଧ୍ୱଂସ କରି ଦେଇଛନ୍ତି। କୋରମା ଜଙ୍ଗଲ ମଧ୍ୟରେ ମାଓବାଦୀ ସଙ୍ଗଠନର ଗଙ୍ଗାଲୁର ଏରିଆ କମିଟି ସଚିବ ଦିନେଶ ମୋଡିୟମ ଗଙ୍ଗାଲୁର, ଏସଓଏସ ଦୁଲା କାରାମ, ଗଙ୍ଗାଲୁର ଏରିଆ ଆରପିସି କମଲୁ ପୁନେମଙ୍କ ସମେତ ୨୦ ଜଣ ଶସସ୍ତ୍ର ମାଓବାଦୀ ଉପସ୍ଥିତ ଥିବା ସୂଚନା ପାଇ ଡିଆରଜି, ବସ୍ତର ଫାଇଟରସ ଯବାନ, ଏସଟିଏଫ ଓ କୋବ୍ରା ଯବାନଙ୍କୁ ନେଇ ଜଙ୍ଗଲରେ ସର୍ଚ୍ଚ ଅପରେସନ କରାଯାଇଥିଲା । ଏହି ସମୟରେ ସୁରକ୍ଷା ବାହିନୀ ଯବାନ ଓ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଯବାନଙ୍କ ଗୁଳିର ସାମନା କରି ନ ପାରି ମାଓବାଦୀମାନେ ଛତ୍ର ଭଙ୍ଗ ଦେଇଥିଲେ। ପରେ ତଲାସୀ ସମୟରେ ଜଙ୍ଗଲରୁ ମାଓବାଦୀ ସାମଗ୍ରୀ ଜବତ ହୋଇଛି।

### ଶତବୀର ଭାରତୀୟ କ୍ରିକେଟ ଦଳର ମ୍ୟାନେଜର

ମାଲକାନଗିରି,୧୮।୧୨(ଦୁର୍ଯ୍ୟୋଧନ ପାତ୍ର)



ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହେବାକୁ ଥିବା କ୍ରିକେଟ୍ ସିରିଜରେ ଅଂଶଗ୍ରହଣ କରିଥିବା ଭାରତୀୟ କ୍ରିକେଟ ଦଳର ମ୍ୟାନେଜର ରୂପେ ମାଲକାନଗିରି ଜିଲାର ଶତବୀର ସିଂ ରିୟାର ଦାୟିତ୍ୱ ପାଇଛନ୍ତି। ଏହା ଜିଲା ପାଇଁ ଗୌରବ ଆଣିଦେଇଛି। ରିୟାରଙ୍କ ଭିଜା ହୋଇ ପାରୁ ନ ଥିବାରୁ ଦକ୍ଷିଣ ଆଫ୍ରିକାରେ ପ୍ରଥମେ ଅନୁଷ୍ଠିତ ହୋଇଥିବା ମ୍ୟାଚଗୁଡିକରେ ସେ ଭାଗ ନେଇ ପାରି ନ ଥିଲେ । ଏବେ ଏହି ସମସ୍ୟା ନ ଥିବାରୁ ସେ ମଙ୍ଗଳବାର ଦକ୍ଷିଣ ଆଫ୍ରିକା ଗସ୍ତ କରିବେ। ଗୋଟିଏ ଦିନିକିଆ ଓ ଦୁଇଟି ଟେଷ୍ଟ ମ୍ୟାଚରେ ସେ ମ୍ୟାନେଜର ଭାବେ ଦାୟିତ୍ୱ ତୁଲାଇବେ ବୋଲି ରିୟାର ପ୍ରକାଶ କରିଛନ୍ତି ।

### ଗ୍ରାମବାସୀଙ୍କ ଅଭିଯୋଗର ତଦନ୍ତ ହେଲା

ମାଥିଲି,୧୮।୧୨(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଧୂଙ୍ଗିଆପୁଟ ପଞ୍ଚାୟତ ବେଙ୍ଗପାଣିଗୁଡା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରୁଦ୍ର ମାଧବ ରାଉତ ମାସମାସ ଧରି ବିଦ୍ୟାଳୟକୁ ଯାଉ ନ ଥିବା ଏବଂ ୧୧ ଜଣ ପିଲାଙ୍କ ଉପସ୍ଥିତି ଥିବା ବେଳେ ୧୭ ଜଣ ଛାତ୍ରୀଛାତ୍ର ଉପସ୍ଥାନ ରହୁଥିବା ଦର୍ଶାଯାଉଥିବା ନେଇ ଗ୍ରାମବାସୀଙ୍କ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ସୋମବାର ତଦନ୍ତ ହୋଇଥିଲା। ମାଥିଲି ବ୍ଲକ ଶିକ୍ଷା ଅଧିକାରୀ ଓ ସିଆରସିସି ବିରଜା ଶଙ୍କର ବେହେରା ବିଦ୍ୟାଳୟରେ ପହଞ୍ଚି ଶିକ୍ଷକ ଏମ୍ ନାଗେଶ୍ୱରଙ୍କ ଉପସ୍ଥିତିରେ ତଦନ୍ତ କରିଥିଲେ। ଅଧିକାରୀମାନେ ପିଲାଙ୍କୁ ପାଠ ସମ୍ପର୍କରେ ପଚାରିବାରୁ ସେମାନେ ଭୁଲ୍ ଉତ୍ତର ଦେଇଥିଲେ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ କହିଛନ୍ତି।

# ଆର୍‌ଡି ବିଭାଗ ଅବହେଳା ନେଇ ଅସନ୍ତୋଷ ପ୍ରକାଶ କଲେ ଜିଲାପାଳ

ପଟ୍ଟାଙ୍ଗି,୧୮।୧୨(ଶରତ ଧଳ)

ଗ୍ରାମାଞ୍ଚଳରେ ରାସ୍ତାଘାଟର ଉନ୍ନତି କ୍ଷେତ୍ରରେ ଆର୍‌ଡି ବିଭାଗର ମୁଖ୍ୟ ଭୂମିକା ରହିଛି। ତେବେ ଏହି ବିଭାଗର କାର୍ଯ୍ୟକୁ ନେଇ ସୋମବାର ମିଳିତ ଜନଶୁଣାଣିରେ ଜିଲାପାଳ ଅବଦାଲ ଏମ୍. ଅଖ୍ତର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ଜନଶୁଣାଣି ବୈଠକରେ।

ହୋଇଥିବା ଏହି ଅଭିଯୋଗ ଶୁଣାଣି ଶିବିରରେ ୫୧ଟି ଅଭିଯୋଗ ଆସିଥିଲା। ଏଥିମଧ୍ୟରୁ ଅଧିକାଂଶ ଆର୍‌ଡି ବିଭାଗର ଥିଲା। ଅଭିଯୋଗଗୁଡିକୁ ଗୁରୁତ୍ୱ ଦେଇ ଜିଲାପାଳ ଆର୍‌ଡି ବିଭାଗର ଅଧିକାରୀଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। ତୁମେମାନେ କ'ଣ କାମ କରୁଛ ବୋଲି ପ୍ରଶ୍ନ ଉଠାଇ ଗ୍ରାମାଞ୍ଚଳରୁ ଆସୁଥିବା ରାସ୍ତା ସମସ୍ୟା ସମ୍ପର୍କିତ ଅଭିଯୋଗଗୁଡିକର କାହିଁକି ସମାଧାନ ହୋଇପାରୁନାହିଁ ବୋଲି ଜାଣିବାକୁ ଚାହିଁଥିଲେ। ଶୀଘ୍ର ରାସ୍ତା ସମସ୍ୟାର ସମାଧାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ସଦର ମହକୁମା ବସଷ୍ଟାଣ୍ଡରୁ ଉପରସାହି ହୋଇ ନୂଆଁଗା ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତା ଏବଂ ଉପରସାହିରୁ




କୋରାପୁଟ ଜିଲାପାଳ ଜଣେ ମହିଳାଙ୍କ ଅଭିଯୋଗ ଶୁଣୁଛନ୍ତି ।

ଶିବ ମନ୍ଦିର ହୋଇ ଜାତୀୟ ରାଜପଥକୁ ସଂଯୋଗ ରାସ୍ତାକୁ ନେଇ ପଟ୍ଟାଙ୍ଗି ବିକାଶ ପରିଷଦ ପକ୍ଷରୁ ପୂର୍ବରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ପୁଣି ଉକ୍ତ ସମସ୍ୟାକୁ ନେଇ ଜୋନ୍-୧ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ ଜନଶୁଣାଣିରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ବ୍ଲକର ସଦର ପଞ୍ଚାୟତ ଅଧୀନରେ ଥିବା ବିଟୁଗୁଡା ଗ୍ରାମକୁ ସଂଯୋଗ କରିଥିବା ଦେଓପଟ୍ଟାଙ୍ଗି ପଞ୍ଚାୟତ ଛକରୁ ଉକ୍ତ ରାସ୍ତା ଅନେକ ବର୍ଷ ହେଲା ଖରାପ ହୋଇ ପଡିଥିଲେ ମଧ୍ୟ କେହି ଦୃଷ୍ଟି ଦେଉ ନ ଥିବା ସରପଞ୍ଚ ଆଲମେ ଫୁଲ ଜିଲାପାଳଙ୍କୁ ଲିଖିତ ରୂପେ ଦେଇ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଜାତୀୟ ରାଜପଥଠାରୁ ସଂଯୋଗ କରୁଥିବା ବଦଲିଗୁଡା ରାସ୍ତା ଶୋଚନୀୟ ହୋଇପଡିଲାଣି। ଏହି ରାସ୍ତାରେ ଥିବା ବ୍ରିଜ୍ କେତେବେଳେ ଭୁଶୁଡି ପଡିବ ସେନେଇ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହିସବୁ ଅଭିଯୋଗକୁ ଭିତ୍ତିକରି ଜିଲାପାଳ ଅଖ୍ତର ଆର୍‌ଡି ବିଭାଗ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଏହି ଶୁଣାଣି ବେଳେ କୋଟିଆ ଆଦର୍ଶ ବିଦ୍ୟାଳୟ ନିମନ୍ତେ ଖେଳ ପଡିଆ, ସ୍କୁଲ ବସ ସେବା ବନ୍ଦ ରହିଥିବା ସମ୍ପର୍କରେ ଜିଲା ପରିଷଦ ସଭ୍ୟା ଗେମେଲ ଅବଗତ କରାଇଥିଲେ। କୋଟିଆ ପଞ୍ଚାୟତ ତଳ କାଣ୍ଟି ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଥିବା, ମାଥାଲାଆମ୍ବ ଏବଂ ଗୁମେଲପଦର ଗ୍ରାମରେ ବିଜୁ ପକ୍କା ଘର ହେଉ ଅବା ପ୍ରଧାନମନ୍ତ୍ରୀ ଆବାସ ମାଧ୍ୟମରେ କେହି

### ମିଳିତ ଜନଶୁଣାଣି

ଘର ପାଉ ନ ଥିବା ସମ୍ପର୍କରେ ଆସିଥିବା ଅଭିଯୋଗର ଶୁଣାଣି କରି ଜିଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲାପାଳ ୩ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମଧ୍ୟରୁ ଦୁଇଟି ଗୋଷ୍ଠୀଙ୍କୁ ୫ ଲକ୍ଷ ଲେଖାଏ ଏବଂ ଗୋଟିଏ ଗୋଷ୍ଠୀକୁ ୧୦ ଲକ୍ଷ ଟଙ୍କାର ଋଣ ବାବଦ ଚେକ୍ ପ୍ରଦାନ କରଥିଲେ। ୮ ଜଣଙ୍କୁ ନୂତନ ପେନସନ୍, ଜଣଙ୍କୁ ଶ୍ରବଣ ଯନ୍ତ୍ର ଓ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ହୁଇଲ୍ ଚେୟାର ପ୍ରଦାନ କରିଥିଲେ। ଉକ୍ତ ଜନ ଶୁଣାଣି କାର୍ଯ୍ୟକ୍ରମରେ ଜିଲା ଉନ୍ନୟନ ପରିଷଦ ଅଧିକାରୀ ଗୌରବ ଶିବାଜୀ ଇସଲୱା, ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକାର, ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ଜୋନ-୨ ଜିଲା ପରିଷଦ ସଭ୍ୟ ଲଇଚନ ଖରା, ଉପଜଲାପାଳ ବେଣୁଧର ଶବର, ସିଡିଏମ୍ଓଙ୍କ ଦାୟିତ୍ୱରେ ଥିବା ଡାକ୍ତର ଅରୁଣ ପାଢ଼ୀ, ପଟ୍ଟାଙ୍ଗି ବିଡିଓ ସୁକାନ୍ତ ପଟ୍ଟନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମିଶନ ଶକ୍ତି ଭବନ ଉଦ୍‌ଘାଟନ କଲେ ଜିଲାପାଳ

ପଟ୍ଟାଙ୍ଗି,୧୮।୧୨(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ପରେ ଜିଲାପାଳ ଅଖତର ନବନିର୍ମିତ ମିଶନ ଶକ୍ତି ଭବନକୁ ଉଦଘାଟନ କରିଥିଲେ। ୭୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ଭବନକୁ ଜିଲାପାଳ ବୁଲି ଦେଖିବା ସହ ରହିଥିବା ଛୋଟ ଖୋଟ କାମକୁ ତୁରନ୍ତ ସାରିବା ଏବଂ ଭବନଟି ଉଚ୍ଚ ସ୍ଥାନରେ ରହିଥିବାରୁ ଯାତାୟାତ ପାଇଁ ଏକ ପାହୁଚ ନିର୍ମାଣ କରିବାକୁ ବିଡ଼ିଓ ସୁକାନ୍ତ ପଟ୍ଟନାୟକଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ଭବନ ଉଦଘାଟନ କାର୍ଯ୍ୟକ୍ରମରେ ଜନ ପ୍ରତିନିଧିଙ୍କୁ ଅଣଦେଖା କରାଯାଇଥିବାରୁ ଉଦଘାଟନ ସମୟରେ ଏହି କାର୍ଯ୍ୟକ୍ରମକୁ ଜନ ପ୍ରତିନିଧି ସରପଞ୍ଚ, ସମିତି ସଭ୍ୟା ସଭ୍ୟ ବର୍ଜନ କରିଥିଲେ। ପରେ ଜିଲାପାଳ ମାଲିପୁଟ ପଞ୍ଚାୟତ ଗସ୍ତ କରି ୪୬ ଲକ୍ଷ ଟଙ୍କା ବିନିଯୋଗରେ ନିର୍ମିତ ସ୍ୱାସ୍ଥ୍ୟ ବିଭାଗର ସବ୍ ସେଣ୍ଟର୍‌କୁ ଉଦଘାଟନ କରିଥିଲେ। ପରେ ସେ କୋଟିଆ ପଞ୍ଚାୟତର ଦେଓମାଳି ପର୍ଯ୍ୟଟନ ସ୍ଥଳି ଗସ୍ତ କରି ସେଠାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଥିଲେ।

## ସୀମାନ୍ତରୁ ୧୦ ମାଓବାଦୀ ଗିରଫ

ମାଲକାନଗିରି,୧୮।୧୨(ଦୁର୍ଯ୍ୟୋଧନ ପାତ୍ର):

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ବେଖପାଲର ଜଙ୍ଗଲରେ ବିଏସ୍ଏଫ୍ ଯବାନ ସର୍ଚ୍ଚ ଅପରେସନ କରିବା ସମୟରେ ୧୦ ଜଣ ମାଓବାଦୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି । ଗିରଫ ମାଓବାଦୀମାନେ ଭାନ୍ସୀ ଆସଫାଲ୍ଟ ପ୍ଲାଣ୍ଟରେ ୧୪ ଟି ଗାଡି ପୋଡିବା ଘଟଣାରେ ସମ୍ପୃକ୍ତ ଥିଲେ। ସୂଚନା ଅନୁଯାୟୀ, ଛତିଶଗଡ ଦାନ୍ତେୱାଡା ଜିଲାର ବେଖପାଲର ଜଙ୍ଗଲରେ ମାଓବାଦୀମାନେ ଲୁଚି ରହିଥିବା ଯବାନମାନେ ବିଶେଷ



ସୂତ୍ରରୁ ଖବର ସୋମବାର ସକାଳେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଡିଆରଜି, ବସ୍ତାର ଫାଇଟର୍ସ ଓ ସିଆରପିଏଫର ଯବାନମାନେ ମିଳିତ ରୂପେ ସର୍ଚ୍ଚ ଅପରେସନ କରିବା ସମୟରେ ଜଙ୍ଗଲ ମଧ୍ୟରୁ ମାଓବାଦୀଙ୍କୁ ଗିରଫ କରିଥିଲେ ।

## ରାଜ୍ୟସ୍ତରୀୟ ଶିଶୁ ମେଳାକୁ ଜିଲାର ୧୦ ପ୍ରତିଯୋଗୀ ମନୋନୀତ

କୁନ୍ଦୁରା,୧୮।୧୨(ସନ୍ତୋଷ ପ୍ରହରାଜ)

କୁନ୍ଦୁରା ବ୍ଲକ ଡଙ୍ଗରପାଉଁଶିସ୍ଥିତ ଅନନ୍ତ ବିଦ୍ୟାପୀଠଠାରେ ଓଷ୍ଟା ପକ୍ଷରୁ କୋରାପୁଟ ଜିଲାସ୍ତରୀୟ ୪୦ ତମ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାର ୧୪ଟି ବ୍ଲକରୁ ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରତି ବ୍ଲକରୁ ୧୦ ଜଣ ଲେଖାଏ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ସମ୍ମାନିତ ଅତିଥିଭାବେ ବିଡିଓ କପିଳେଶ୍ୱର ତାଣ୍ଡୀ, ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ସଭାପତି ରାମକୃଷ୍ଣ ସାବତ, ଅନୁଷ୍ଠାନର ସଭାପତି ତଥା ପ୍ରଧାନ ଶିକ୍ଷକ ବିଜୟ ଭଙ୍ଗ, ସୁଶାନ୍ତ ଖୁଣ୍ଟିଆ ଦେବେନ୍ଦ୍ର ବୈଦ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କବିତା ରଚନା, କଣ୍ଠ ସଂଗୀତ, ତର୍କ, ଗଳ୍ପ ଲିଖନ, ଚିତ୍ରାଙ୍କନ, ଏକକ ଅଭିନୟ, ସାଧାରଣ ଜ୍ଞାନ, କବିତା ଆବୃତ୍ତି, ଏକକ ନୃତ୍ୟ ଏବଂ ବୁଦ୍ଧି ପରୀକ୍ଷା ଆଦି ପ୍ରତିଯୋଗିତା ହୋଇଥିଲା। ଡଙ୍ଗରପାଉଁଶି ଅନନ୍ତ ବିଦ୍ୟାପୀଠରୁ ଅର୍ଚ୍ଚିତା ପ୍ରହରାଜ, ସ୍ୱୟଂସିଦ୍ଧା ଶତପଥୀ, ରବିନା ହରିଜନ, ଲିମା ଆବାସିକ ବିଦ୍ୟାଳୟର ସ୍ନେହଲତା ଚୌଧୁରୀ, ଆରକେ ବାଳିକା ବିଦ୍ୟାଳୟର କିଶୋରି ବାରିକ, ଚାନ୍ଦିଲି ଉଚ୍ଚ ବିଦ୍ୟାଳୟର ବେଶାଳୀ ନାୟକ, ସୁନାପୁର ବାଳିକା ବିଦ୍ୟାଳୟର ଇପସିତା ମହାପାତ୍ର, ଭନସଲି ଉଚ୍ଚ ବିଦ୍ୟାଳୟର ବବି ରାଉତ ଏବଂ ସ୍ମୃତି ରେଖା ସାହୁ ପ୍ରମୁଖ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। କୃତୀ ୧୦ ଜଣ ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଆସନ୍ତା ୨୫ରେ ରାଜ୍ୟସ୍ତରୀୟ ଶିଶୁ ମେଳା କଟକ ଠାରେ ହେବ। ଏଥିରେ ଏହି ୧୦ ପ୍ରତିଯୋଗୀ ଭାଗ ନେବେ ।

## କରଣ ସମାଜର ସାଧାରଣ ବୈଠକ



ବୈଠକରେ ଉପସ୍ଥିତ କରଣ ସମାଜର କର୍ମକର୍ତ୍ତାମାନେ ।

ସୁନାବେଡା,୧୮।୧୨(କୃତ୍ତିବାସ ପ୍ରଧାନ)

ସୁନାବେଡାଠାରେ କରଣ ସମାଜର ଏକ ସାଧାରଣ ବୈଠକ ବରିଷ୍ଠ ସଦସ୍ୟ ବିନୟ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ପ୍ରଥମ ଅଧିବେଶନରେ ସମାଜର ସାଙ୍ଗଠନିକ ବିଷୟବସ୍ତୁ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା। ସୁନାବେଡା, ସେମିଳିଗୁଡା, ଦାମନଯୋଡି, ନନ୍ଦପୁର ଓ ପଟାଙ୍ଗି ଅଞ୍ଚଳକୁ ନେଇ କରଣ ସମାଜ ଗଠନ କରାଯାଉ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଦ୍ୱିତୀୟ ଅଧିବେଶନରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା ସଭାପତି ଭାବେ ବିନୟ ଚନ୍ଦ୍ର ପଟ୍ଟନାୟକ, ଉପସଭାପତି ମନୋଜ ପଟ୍ଟନାୟକ, ଆନନ୍ଦମୌଳି ପଟ୍ଟନାୟକ, ସାଧାରଣ ସମ୍ପାଦକ ଅଶ୍ୱିନୀ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ବିଜୟଲକ୍ଷ୍ମୀ ପଟ୍ଟନାୟକ, ପ୍ରଦୀପ ପଟ୍ଟନାୟକ, କୋଷାଧ୍ୟକ୍ଷ ସଞ୍ଜିତ ପଟ୍ଟନାୟକ, ଆଭ୍ୟନ୍ତରୀଣ ନିରୀକ୍ଷକ ଦିଲୀପ ପଟ୍ଟନାୟକଙ୍କୁ ଚୟନ କରାଯାଇଥିଲା। ସେହିପରି କାର୍ଯ୍ୟକାରିଣୀ ସଦସ୍ୟା ଭାବେ ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ, ଲିଲି ମହାନ୍ତି, ଦିଲୀପ ମହାନ୍ତି, ପ୍ରମୋଦ ଦଣ୍ଡସେନା, ବୁଢୁ ପଟ୍ଟନାୟକ, ମଦନ ମାଦଳା, ଲକ୍ଷ୍ମୀଧର ମହାପାତ୍ର ଏବଂ ଉପଦେଷ୍ଟା ଭାବେ ଡକ୍ଟର ରମାରଞ୍ଜନ ପଟ୍ଟନାୟକ, ସୁକାନ୍ତ ପଟ୍ଟନାୟକ ଏବଂ ଗୋଲକ ପଟ୍ଟନାୟକଙ୍କୁ ମନୋନୀତ କରାଯାଇଥିଲା।

## ହୀରକ ଜୟନ୍ତୀ ପାଳନ ଅବହେଳା ନେଇ ଅସନ୍ତୋଷ

ଜୟପୁର,୧୮।୧୨(ପବନ ପାଣିଗ୍ରାହୀ)

### ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟ

ଜୟପୁରସ୍ଥିତ ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟର ପୁରାତନ ଆଲୁମ୍ନି ଛାତ୍ରମାନେ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ପାଳନ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏବେ ବିଦ୍ୟାଳୟ ୭୭ ବର୍ଷରେ ପହଞ୍ଚିଥିଲେ ମଧ୍ୟ ହୀରକ ଜୟନ୍ତୀ ପାଳନକୁ ଅଣଦେଖା କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏ କ୍ଷେତ୍ରରେ ବିଦ୍ୟାଳୟ କର୍ତ୍ତୃପକ୍ଷ କିମ୍ବା ସଂସ୍କୃତି ଅଧିକାରୀ ଗୁରୁତ୍ୱ ନ ଦେବା ଦୁଃଖର ବିଷୟ ବୋଲି ସେମାନେ କହିଛନ୍ତି। ସ୍ଥାନୀୟ ବିକ୍ରମଦେବ ମହାବିଦ୍ୟାଳୟ ୧୯୪୭ରେ ପ୍ରତିଷ୍ଠା ହୋଇ ୨୦୨୩ରେ ଏହାର ୭୫ତମ ଜୟନ୍ତୀ ଆଡ଼ମ୍ବର ସହକାରେ ପାଳନ ହେଲା ଅଥଚ ଓଡ଼ିଶାର ପ୍ରଥମ ପ୍ରତିଷ୍ଠିତ ଚାରୁ ଓ କାରୁକଳା ବିଦ୍ୟାଳୟର ୭୫ତମ ହୀରକ ଜୟନ୍ତୀ ପାଳନରେ ଅସୁବିଧା କେଉଁଠି ରହୁଛି ବୋଲି ପୁରାତନ ଛାତ୍ରମାନେ ଜାଣିବାକୁ ଚାହିଁଛନ୍ତି। ବିଦ୍ୟାଳୟର ଥିବା ଦୁଇଜଣ ରେଗୁଲାର ଶିକ୍ଷକ ସେମାନେ ମାସକୁ ୫ ଦିନ କ୍ଲାସ କରୁଛନ୍ତି। ଏଠାରେ ଥିବା ଆଉ ଜଣେ ଶିକ୍ଷକ ୨ ମାସ ହେବ ଅନୁପସ୍ଥିତ ଅଛନ୍ତି। ବିଦ୍ୟାଳୟ କିପରି ଚାଲିଛି ସଂସ୍କୃତି ଅଧିକାରୀ ଆଦୌ ଗୁରୁତ୍ୱ ଦେଉନାହାନ୍ତି। ପୂର୍ବରୁ ଦୁଇ ଥର ଡିସେମ୍ବର ୨୦୨୧ ଏବଂ ଏପ୍ରିଲ ୨୦୨୨ରେ ହୀରକ ଜୟନ୍ତୀ ପାଳନ ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ମାତ୍ର ପରେ ଅନୁଷ୍ଠାନ କର୍ତ୍ତୃପକ୍ଷ ନୀରବ ହୋଇଗଲେ। ପରେ ଏନେଇ ଆଲୁମ୍ନି ଦ୍ୱାରା ବାରମ୍ବାର ଅନୁଷ୍ଠାନ ଅଧ୍ୟକ୍ଷଙ୍କ ସହ ପୁରାତନ ଛାତ୍ରଙ୍କ ବୈଠକ ବସିଥିଲା। ଶେଷରେ ଆସନ୍ତା ୨୦୨୪ ଜାନୁୟାରୀ ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ପାଳନ ଲାଗି ଖବରଦାତା ସମ୍ମିଳନୀରେ ଜଣାଇବାକୁ ଗତ ୧୩।୧୨।୨୩ ସ୍ଥାନୀୟ ବିଧାୟକ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଜଣାଇବା ପାଇଁ କହିଥିଲେ। ଅଥଚ ସଂସ୍କୃତି ଅଧିକାରୀ ଆମେ ଏହା ପାଳନ କରିବୁ ବୋଲି ଫୋନ୍ ମାଧ୍ୟମରେ ଆଲୁମ୍ନି ଛାତ୍ରଙ୍କୁ ଜଣାଇଥିଲେ। ଏଯାବତ୍ ଏହି ଉତ୍ସବ କେବେ ପାଳନ ହେବ ସ୍ଥିର ହୋଇପାରିନାହିଁ ବୋଲି ଆଲୁମ୍ନି ସଭାପତି ଶ୍ରୀକାନ୍ତ ବାରିକ, ଉପସଭାପତି ମନୋଜ ମହାପାତ୍ର, ସମ୍ପାଦକ ପଦ୍ମଚରଣ ଚୌଧୁରୀ ପ୍ରକାଶ କରିଛନ୍ତି। ଶୀଘ୍ର ଏହି ଉତ୍ସବ ପାଳନ କରିବାକୁ ଉପରୋକ୍ତ କର୍ମକର୍ତ୍ତାଙ୍କ ସହ ସହ ସମ୍ପାଦକ ରାଜେନ୍ଦ୍ର ପଟ୍ଟନାୟକ, କୋଷାଧ୍ୟକ୍ଷ ଦୀପକ ଦାଶ, ବରିଷ୍ଠ ଶିଳ୍ପୀ ମହମ୍ମଦ ସାରିଫ୍, ପି. ଶ୍ରୀନିବାସ ରାଓ ଦାବି କରିଛନ୍ତି।

## ତୀର୍ଥ ଯାତ୍ରା ଗଲେ ୧୮୨ ବରିଷ୍ଠ ନାଗରିକ




ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରୁଛନ୍ତି ।

କୋରାପୁଟ,୧୮।୧୨(ଅମିତାଭ ବେହେରା )

ବରିଷ୍ଠ ନରଗରିକଙ୍କୁ ଧରି ସୋମବାର କୋରାପୁଟରୁ ତୀର୍ଥ ଯାତ୍ରା ବସ୍ ଯାତ୍ରାରମ୍ଭ କରିଛି। ଜିଲ୍ଲାର ୧୪ଟି ବ୍ଲକରୁ ୧୮୨ ଜଣ ବରିଷ୍ଠ ନାଗରିକ ୬ଟି ବସ୍ ଯୋଗେ ରାୟଗଡା ଯାତ୍ରା କରିଛନ୍ତି । ସଂସ୍କୃତି ଭବନଠାରେ ସେମାନଙ୍କ ଏହି ଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ତୀର୍ଥଯାତ୍ରୀମାନେ ସୋମବାର ରାୟଗଡାରେ ରାତ୍ରୀଯାପନ କରିବେ। ମଙ୍ଗଳବାରସ୍ୱତନ୍ତ୍ର ଟ୍ରେନ ଯୋଗେ ସେମାନେ ଶିର୍ଡ଼ି ଓ ନାସିକ ଯାତ୍ରା କରିବେ । ଏହି ବରିଷ୍ଠ ତୀର୍ଥ ଯାତ୍ରାରେ କୋରାପୁଟ ସମେତ ରାୟଗଡା, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଓ ନୂଆ ପଡାର ଯାତ୍ରୀ ମାନେ ସାମିଲ ହୋଇଛନ୍ତି। ସେମାନଙ୍କ ଯାତ୍ରାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ବିନା ମୂଲ୍ୟରେ ରାଜ୍ୟ ସରକାର ବରିଷ୍ଠ ନାଗରିକ ମାନଙ୍କୁ ତୀର୍ଥ ଭ୍ରମଣ ପାଇଁ ସୁଯୋଗ ଦେଇଥିବାରୁ ବରିଷ୍ଠ ନାଗରିକ ମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଗାଁଗହଳିରେ ରହୁଥିବା ବରିଷ୍ଠ ନାଗରିକ ମାନେ ଏତେ ପଇସା ଦେଇ ତୀର୍ଥ କରିବା ତୀର୍ଥ ଯାତ୍ରୀଙ୍କ ଦେଖାଶୁଣା କରିବା ପାଇଁ ସେମାନଙ୍କ ସହିତ ୬ ଜଣ ଗାଇଡ଼ ମଧ୍ୟ ଯାଇଛନ୍ତି। ଏହି ତୀର୍ଥ ଯାତ୍ରା ୬ ଦିନ ପାଇଁ ରହିଛି ବୋଲି ଜିଲା ପର୍ଯ୍ୟଟନ ଅଧିକାରୀ ତାଲିନା ପ୍ରଧାନ କହିଛନ୍ତି।

## ନୂଆ -ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ

କାଲିମେଲା, ୧୮।୧୨ (ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଲା ବ୍ଲକ ସଦର ଗୋପବନ୍ଧୁ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ସୋମବାର ନୂଆ-ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆନୁକୂଲ୍ୟରେ କ୍ରୀଡ଼ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କାଲିମେଳା ସରପଞ୍ଚ ପୃଥିରାଜ ମାଝୀ, ମୁଖ୍ୟବ୍ୟକ୍ତା ଭାବେ



କ୍ରୀଡାର ବିଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ ।

ମହାବିଦ୍ୟାଳୟ ପରିଚାଳନା ସଭାପତି ଡା. ଏମ୍. ବୈରାଗୀ ସୁବୁଦ୍ଧି, ସମ୍ମାନିତ ଅତିଥି ରୂପେ ଏମ୍ପି ପ୍ରତିନିଧି ଇ. ଭେଙ୍କଟ ରାଓ, ନୂଆ ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶାର ନୋଡାଲ ଅଫିସର ସୁଶାନ୍ତ ବାରିକ, କ୍ରୀଡ଼ା କ୍ଲବ ମୁଖ୍ୟ ରାମକୃଷ୍ଣ ଭଞ୍ଜ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଜଗନ୍ନାଥ ମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ ପରେ ମଶାଲ ଶୋଭାଯାତ୍ରା ହୋଇଥିଲା। ମୁଖ୍ୟ ଅତିଥି କ୍ରୀଡା ପତାକା ଉତ୍ତୋଳନ ପରେ କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଦୌଡ଼ ପ୍ରତିଯୋଗିତା, କ୍ରିକେଟ, ଫୁଟବଲ, କବାଡ଼ି, ବ୍ୟାଡମିଣ୍ଟନ, ଚେସ୍, କ୍ୟାରମ୍,ମ୍ୟୁଜିକ୍ ଚେୟାର ଭଳି ବିଭିନ୍ନ ଇଭେଣ୍ଟ ପ୍ରତିଯୋଗିତା ହୋଇଥିଲା। ଏହି କାର୍ଯ୍ୟକ୍ରମ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ୨୨ ତାରିଖରେ ଉଦ୍‌ଯାପନ ହେବ ବୋଲି ଅଧ୍ୟକ୍ଷ ମିଶ୍ର କହିଛନ୍ତି ।

## ଅଟୋ ମାଧ୍ୟମରେ ଫସଲ ଅମଳ

ଚିତ୍ରକୋଣ୍ଡା,୧୮।୧୨(କ୍ଷୀରୋଦ ବେହେରା)

ଚାଷୀମାନେ ଧାନ ଫସଲ ପରେ ଖଳାକୁ ଆଣି ସେଠାରେ ରଖି ମେସିନ, ଗୋରୁ ଗାଈ କିମ୍ବା ହାତରେ ବାଡେଇ ଅମଳ କରନ୍ତି। ମାତ୍ର ଧାନ ଅମଳର ଏକ ଅଭିନବ ଉପାୟ ଆପଣାଇଛନ୍ତି ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳବାସୀ। ଉକ୍ତ ଅଞ୍ଚଳ ଚାଷୀ ଅଟୋ ମାଧ୍ୟମରେ ଖଳାରେ ରଖିଥିବା ଫସଲ ଉପରେ ଅଟୋକୁ ବୁଲେଇ ଧାନ ଅଲଗା କରୁଥିବା ଦେଖିବାକୁ ମିଳିଛି। ସମ୍ପୃକ୍ତ ଚାଷୀଙ୍କ କହିବା ଅନୁଯାୟୀ ଏଥିରେ କମଖର୍ଚ୍ଚ ସହ ଅଳ୍ପ ସମୟରେ ଧାନ ଅମଳ କାର୍ଯ୍ୟ ହୋଇପାରୁଛି। ଏପରି ଭାବରେ ସେମାନେ ଧାନ ସହ ମାଣ୍ଡିଆ, ବିରି, କୋଳଥ ଅମଳ ସହଜରେ କରିପାରୁଛନ୍ତି ବୋଲି ଧୂଳିପୁଟ ପଞ୍ଚାୟତ ସାରିଆଗୁଡା ଗ୍ରାମର ଚାଷୀ ମୁକୁନ୍ଦ ହନ୍ତାଳ କହିଛନ୍ତି।



ଅଟୋ ଦ୍ୱାରା ଅମଳ କରାଯାଉଥିବା ଧାନ ।

## 'ଯେଉଁଠି ଜଗନ୍ନାଥ ନିଜକୁ ସ୍ଥାପନା କରନ୍ତି ତାହା ଶ୍ରୀକ୍ଷେତ୍ର ପାଲଟିଯାଏ'

କୋରାପୁଟ,୧୮।୧୨(ଅମିତାଭ ବେହେରା )

ଯେଉଁଠି ଜଗନ୍ନାଥ ନିଜକୁ ସ୍ଥାପନା କରନ୍ତି ତାହା ଶ୍ରୀକ୍ଷେତ୍ର ପାଲଟିଯାଏ। ସେଠାକାର ସାଧାରଣ ମଣିଷ ମଧ୍ୟ ଅସାଧାରଣ ଭକ୍ତ ଓ ପ୍ରବକ୍ତା ପାଲଟିଯାଆନ୍ତି ବୋଲି କୋରାପୁଟସ୍ଥିତ ଶାବର ଶ୍ରୀକ୍ଷେତ୍ର ଶ୍ରୀ ଜଗନ୍ନାଥ ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ରରେ କଲିକତାରୁ ଆସିଥିବା ଖ୍ୟାତିସମ୍ପନ୍ନ ଜଗନ୍ନାଥ ଚେତନାର ଗବେଷକ ଶେଖ ମକବୁଲ ଇସଲାମ ପ୍ରକାଶ କରିଛନ୍ତି। ସୁଫିପନ୍ଥୀ



ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ଅତିଥି ।

ଇସଲାମ ଭାବାଦର୍ଶ ସମୃଦ୍ଧ ପରିବାରରେ ଜନ୍ମ ଗ୍ରହଣ କରିଥିବା ଡ.ଇସଲାମ ଏକ ସ୍ଥାନରେ ମହାପ୍ରଭୁ ଜଗନ୍ନାଥଙ୍କ ଚିତ୍ର ଦେଖି ତାଙ୍କ ବିଷୟରେ ଜାଣିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଜଗନ୍ନାଥ ଚେତନାକୁ ନେଇ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିବା ସହ ଅନ୍ୟମାନଙ୍କ ଦ୍ୱାରା ହୋଇଥିବା ସାଧନାକୁ ଅଧ୍ୟୟନ କରିଛନ୍ତି। ୨୦୧୫ରେ ଶ୍ରୀ ଜଗନ୍ନାଥଙ୍କ ନବ କଳେବର ସମୟରେ ପୁରୀ ଶଙ୍କରାଚାର୍ଯ୍ୟଙ୍କ ହସ୍ତରୁ ପାଇଥିବା ନବ କଳେବର ସମ୍ମାନ ତାଙ୍କ ଜୀବନର ଏକ ଅମୂଲ୍ୟ ସମ୍ପଦ। ସନାତନ ଐତିହ୍ୟ ପ୍ରତି ପ୍ରଗାଢ ଶ୍ରଦ୍ଧା ତାଙ୍କୁ ଜଗନ୍ନାଥଙ୍କ ଆଡକୁ ଆକର୍ଷିତ କରିଥିବା ବେଳେ ବିଶ୍ୱର ସମସ୍ତ ଧର୍ମ ଓ ଧର୍ମ ଭାବନା ଶ୍ରୀ ଜଗନ୍ନାଥ ଚେତନାର ଛତ୍ରଛାୟା ତଳେ ରହିଥିବା ଡ. ଇସଲାମ କହିଥିଲେ। ଆଲୋଚନା ଚକ୍ରରେ ପ୍ରୀତିଧାରା ସାମଲ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ଗୀତା ଜୟନ୍ତୀ ପାଇଁ ପାରାୟଣ ପ୍ରତିଯୋଗିତା

ଗୁଣପୁର,୧୮।୧୨(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁରସ୍ଥିତ ଶ୍ରୀ ଭେଙ୍କେଟେଶ୍ୱର ମନ୍ଦିରଠାରେ ଗୀତା ଜୟନ୍ତୀ ଉପଲକ୍ଷେ ଶ୍ରୀମଦ୍ ଭାଗବତ ଗୀତା ୧୦ମ ଅଧ୍ୟାୟ ପାରାୟଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସ୍ୱାମୀ ବିବେକାନନ୍ଦ କନ୍ୟା କୁମାରୀ ଶାଖା ଆନୁକୂଲ୍ୟରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ କନିଷ୍ଠ ବର୍ଗରେ ୪୧ ଏବଂ ବରିଷ୍ଠ ବର୍ଗରେ ୩୩ ଜଣ ଶିଶୁ ଅଂଶ ଗ୍ରହଣ କରିଥିଲେ। ସରସ୍ୱତି ଶିଶୁ ବିଦ୍ୟା ମନ୍ଦିର, ଜଗନ୍ନାଥ ପବ୍ଲିକ ସ୍କୁଲ, ଗାନ୍ଧୀ ପବ୍ଲିକ ସ୍କୁଲ, ଆଦର୍ଶ ବିଦ୍ୟାଳୟ, ଏମ ପାୱାର ପବ୍ଲିକ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟରୁ ପିଲାମାନେ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଡିସେମ୍ବର ୨୨ ତାରିଖରେ ପରେମେଶ୍ୱରୀ ମନ୍ଦିରଠାରେ ସାମୁହିକ ଗୀତା ପାରାୟଣ ସହ କେନ୍ଦ୍ର ତରଫରୁ ପିଲାମାନଙ୍କୁ ମାନପତ୍ର ଏବଂ କୃତୀ ଶିଶୁଙ୍କୁ ପରସ୍କୃତ କରିବା ପାଇଁ ସ୍ଥିର କରାଯାଇଛି। ବିବେକାନନ୍ଦ କନ୍ୟା କୁମାରୀ ଶାଖାର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଆଇଡିବିଆଇ ବ୍ୟାଙ୍କରେ କୋଟିଏ ଟଙ୍କାର ହେରଫେର

ନବରଙ୍ଗପୁର,୧୮।୧୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହରସ୍ଥିତ ଆଇଡିବିଆଇ ବ୍ୟାଙ୍କରେ ଏକ କୋଟି ଟଙ୍କାର ଆର୍ଥିକ ହେରଫେର ନେଇ ଅଭିଯୋଗ ହୋଇଛି। ଘଟଣାର ତଦନ୍ତ ପରେ ବ୍ୟାଙ୍କର ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ (ଡିଜିଏମ୍) ସ୍ୱରୂପ ଦତ୍ତ ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି । ପୋଲିସ ପ୍ରାଥମିକ ତଦନ୍ତ କରି ବ୍ରାଞ୍ଚ ମ୍ୟାନେଜର ଅଞ୍ଜନ କୁମାର ଶତପଥୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛନ୍ତି। ଅଭିଯୋଗକୁ ଭିତ୍ତି କରି ନବରଙ୍ଗପୁର ପୋଲିସ କେସ୍ ନମ୍ବର ୫୨୩/୨୩ ରେ ଏକ ମାମଲା ରୁଜୁ କରିଛି। ନବରଙ୍ଗପୁର ଆଇଡିବିଆଇ ବ୍ରାଞ୍ଚ ମ୍ୟାନେଜର ଅଞ୍ଜନ କୁମାର ଶତପଥୀ ଚଳିତ ମାସ ୧ ଓ ୨ ତାରିଖରେ ବ୍ୟାଙ୍କରେ କାରବାର ହୋଇଥିବା ଟଙ୍କାରୁ ୧ କୋଟି ନେଇ ଏସବିଆଇର କରେନ୍ସିଚେଷ୍ଟରେ ଜମା କରିବାର ଥିଲା। ସେ ଟଙ୍କା କିନ୍ତୁ ଜମା ହୋଇ ନ ଥିବା ଜଣାପଡ଼ିଛି। ୧୫ ତାରିଖରେ ଏକ କୋଟି ଟଙ୍କାର ନିଅଣ୍ଟ ଥିବା ଜଣାପଡିଥିଲା, ଯାହାକୁ ନେଇ ବ୍ୟାଙ୍କ କର୍ମଚାରୀ ଡିଜିଏମ୍ ସ୍ୱରୂପ ଦତ୍ତଙ୍କୁ ଜଣାଇଥିଲେ। ଏହାପରେ ଡିଜିଏମ୍ ନବରଙ୍ଗପୁରସ୍ଥିତ ଆଇଡିବିଆଇ ବ୍ୟାଙ୍କକୁ ଆସି ତଦନ୍ତ କରିବା ପରେ ଥାନାରେ ଏତଲା ଦେଇଛନ୍ତି। ନବରଙ୍ଗପୁର ପୋଲିସ ବ୍ୟାଙ୍କକୁ ଯାଇ ତଦନ୍ତ କରିବା ସହ ମ୍ୟାନେଜରଙ୍କୁ ଅଟକରଖି ପଚରାଉଚରା କରୁଛି। ଏ ନେଇ ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣଚନ୍ଦ୍ରଭତରାଙ୍କୁ ପଚାରିବାରୁ ଆଇଡିବିଆଇ ବ୍ୟାଙ୍କରେ ଟଙ୍କା ହେର୍‌ଫେର୍ ନେଇ ଅଭିଯୋଗ ଆସିଛି। ପୋଲିସ ମାମଲା ରୁଜୁ କରି ଏହାର ତଦନ୍ତ ଚଳାଇଛି ବୋଲି ସେ କହିଛନ୍ତି।

# ବିପଦପୂର୍ଣ୍ଣ ଭାବେ ରେଳ ଫାଟକ ପାରି ହେଉଛନ୍ତି ଲୋକେ

## ରାୟଗଡ଼ାର ୩ ସଂଯୋଗ ପଥ ବିପର୍ଯ୍ୟସ୍ତ

- ରେଳ ଲାଇନ୍ କାମ ଯୋଗୁ ଅଣ୍ଡରପାସ୍ ରାସ୍ତା ବନ୍ଦ
- ବିପଦସଙ୍କୁଳ ଫ୍ଲାଏଓଭର ଦେଇ ଯାତାୟାତ କରୁଛନ୍ତି ଲୋକେ

ରାୟଗଡ଼ା,୧୮।୧୨(ଆଶିଷ ରଞ୍ଜନ ପଣ୍ଡା)



ବିପଦପୂର୍ଣ୍ଣ ଭାବେ ରେଳ ଫାଟକ ପାରି ହେଉଛନ୍ତି ଲୋକେ ।

ରାୟଗଡ଼ା ସହରବାସୀଙ୍କ ପାଇଁ ବିପର୍ଯ୍ୟସ୍ତ ହୋଇପଡ଼ିଛି ଗମନାଗମନ ବ୍ୟବସ୍ଥା । ସହରର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯିବାକୁ ହେଲେ ରହିଛି ମାତ୍ର ୩ଟି ସଂଯୋଗ ପଥ । ବର୍ତ୍ତମାନ ଫ୍ଲାଏଓଭର ଅବସ୍ଥା ଶୋଚନୀୟ ରହିଥିବା ବେଳେ ଜାତୀୟ ରାଜପଥ ଏହାକୁ କେବଳ ପ୍ୟାଚ୍ ପକାଇ କାମ ଚଳାଉଛି । ଅନ୍ୟପଟେ ତୃତୀୟ ରେଳ ଲାଇନ୍ ନିର୍ମାଣ ପାଇଁ ବନ୍ଦ ରହିଛି ଅଣ୍ଡରପାସ୍ ସବ୍‌ୱେ । ଫଳରେ ଲୋକେ ବିପଦପୂର୍ଣ୍ଣ ଭାବେ ଫ୍ଲାଏଓଭର ଦେଇ ଯାତାୟତ କରୁଛନ୍ତି। ପ୍ରତିଦିନ ହଜାର ସଂଖ୍ୟାରେ ଦୁଇ ଚକିଆ ବାଇକ୍‌ଠାରୁ ଆରମ୍ଭ କରି ଚାରି ଚକିଆ ଏବଂ ଭାରିଯାନ ଯାତାୟାତ କରୁଛି। ଫଳରେ ଚଲା ବାଟୋଇ ମଧ୍ୟ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ବେଳେ ପ୍ରତିଦିନ ସଡ଼କ ଦୁର୍ଘଟଣାରେ ଲୋକଙ୍କ ଜୀବନ ଯାଉଛି। ଏହାବ୍ୟତୀତ ରାୟଗଡ଼ା ସହର ଶେଷରେ ହୋଟେଲ ସାଇ ଇଣ୍ଟରନ୍ୟାଶନାଲ ଛକଠାରୁ ବାରିଖୋଲା ଓ ରୟତ କଲୋନୀ ଦେଇ ଏକ ସଂଯୋଗ ରାସ୍ତା ରହିଛି । ହେଲେ ଏହା ମଧରେ ରେଳ ଫାଟକ ଥିବାରୁ ରେଳ ଲାଇନ ପାରି ହେବାକୁ ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ରାୟଗଡ଼ା ଦେଇ ଅଧିକ ସଂଖ୍ୟକ ଟ୍ରେନ ଯାତ୍ରା କରୁଥିବା ଏବଂ ଟ୍ରେନ ଇଞ୍ଜିନ ଗତିପଥ ପରିବର୍ତ୍ତନ କରିବା ସମୟରେ ଦୀର୍ଘ ସମୟ ଉକ୍ତ ରେଳ ଫାଟକ ବନ୍ଦ ରହୁଥିବାରୁ ଜରୁରୀ ପରିସ୍ଥିତିରେ କିଛି ଲୋକେ ବିପଦପୂର୍ଣ୍ଣ ଭାବେ ଫାଟକ ଡେଇଁ ଯିବାକୁ ବାଧ ହେଉଛନ୍ତି । ଏଥିରେ କେତେବେଳେ ଯେ, ବଡ଼ ଅଘଟଣ ନ ଘଟିବ ଏଥିରେ ସନ୍ଦେହ ନାହିଁ।

ଏହି ରାସ୍ତା ସହରଠାରୁ ଦୂରରେ ରହିଥିବାରୁ ଲୋକେ ଫ୍ଲାଏଓଭର ତଳ ପାର୍ଶ୍ୱରେ ରେଳ ଧାରଣା ଦେଇ ବିପଦପୂର୍ଣ୍ଣ ଭାବେ ପୁରୁଣା ରାୟଗଡ଼ାରେ ରହିଥିବା ସ୍କୁଲ, ମେଡ଼ିକାଲ ଓ ଅନ୍ୟ କାର୍ଯ୍ୟାଳୟକୁ ଯାଉଛନ୍ତି । ପ୍ରତିଦିନ ହଜାର ସଂଖ୍ୟାରେ ଛାତ୍ରୀଛାତ୍ର ଓ ସାଧାରଣ ଜନତା ଉକ୍ତ ରେଳ ଧାରଣା ଡେଇଁ ଯାଉଥିବା ଦେଖିବାକୁ ମିଳିଛି। କିଛି ଦିନ ତଳେ ରାତି ପ୍ରାୟ ୯ଟାରେ ଜଣେ ଯୁବତୀ ରେଳଧାରଣା ଡେଇଁ ଯିବା ସମୟରେ ଜୁନାଗଡ଼ଠାରୁ ଭୁବନେଶ୍ୱର ଯାଉଥିବା ଟ୍ରେନରେ ପିଟି ହୋଇ ଗୁରୁତର ଆହତ ହୋଇଥିଲେ । ଯୁବତୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ପରିବାରବର୍ଗ ଉଚ୍ଚ ଚିକିତ୍ସା ପାଇଁ ବିଶାଖାପାଟଣାକୁ ନେଇ ଯାଇଥିବା ସୂଚନା ରହିଛି । ତେବେ ତୃତୀୟ ରେଳ ଲାଇନ ନିର୍ମାଣ କାର୍ଯ୍ୟ ପାଇଁ ଅଣ୍ଡରପାସ୍ ସବ୍‌ୱେ ବନ୍ଦ ହେବା ପୂର୍ବରୁ ପୁରୁଣା ରାୟଗଡ଼ା ଓ ନୂଆ ରାୟଗଡ଼ା ସହର ମଧ୍ୟରେ ଅନ୍ୟ ଏକ ସଂଯୋଗ ପଥର ବିକଳ୍ପ ବ୍ୟବସ୍ଥା ପାଇଁ ଜନସାଧାରଣଙ୍କଠାରୁ ଆରମ୍ଭ କରି ବୁଦ୍ଧିଜୀବୀ, ରାଜନେତାଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଛି। ହେଲେ ପ୍ରଶାସନିକ ଅଧିକାରୀମାନେ ଏଥିପ୍ରତି କୌଣସି ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ଏଥିସହିତ ଚଳିତ ମାସ ୨୬ ତାରିଖରୁ ରାୟଗଡ଼ା ଲୋକ ମହୋତ୍ସବ ଚଇତି ଆରମ୍ଭ ହେବାକୁ ଥିବା ବେଳେ ଉକ୍ତ ୫ ଦିନ ପ୍ରବଳ ଜନସମାଗମ ହେବ; ଯାହାଦ୍ୱାରା ଟ୍ରାଫିକ ସମସ୍ୟା ଉପୁଜିବା ସହିତ ଦୁର୍ଘଟଣାର ଆଶଙ୍କାକୁ ଏଡ଼ାଇ ହେବ ନାହିଁ। ତେଣୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏଥିପ୍ରତି ବିଶେଷ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି ।

# ସାବିତ୍ରୀ ଜୁଏଲର୍ସରେ ଆୟକର ଚଢ଼ାଉ

ରାୟଗଡ଼ା,୧୮।୧୨ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରର ସାବିତ୍ରୀ ଜୁଏଲର୍ସ ଦୋକାନରେ ସୋମବାର ଆୟକର ବିଭାଗ ଚଢ଼ାଉ କରିଛି। ଆୟକର ଫାଙ୍କିବା ଅଭିଯୋଗରେ ଏହି ଚଢ଼ାଉ ହୋଇଥିବା ସୂଚନା ମିଳିଛି। ଖୋଦ୍ ଦୋକାନ ମାଲିକ କିନ୍ତାଲି ଅମରନାଥ ମଧ ଏହାକୁ ସ୍ୱୀକାର କରିଛନ୍ତି। ଆୟକର ବିଭାଗର ଏହି ଚଢ଼ାଉ ପରେ ରାୟଗଡ଼ା ସହରରେ ଥିବା ଅନ୍ୟ ସୁନା ଓ ରୁପା ଅଳଙ୍କାର ଦୋକାନଗୁଡିକ ବନ୍ଦ ରହିଥିଲା। ମାତ୍ର ୧୫ ମିନିଟ ମଧରେ ସହରର ସମସ୍ତ ଅଳଙ୍କାର ଦୋକାନ ବନ୍ଦ ହେବା ଲୋକଙ୍କୁ ଚକିତ କରିଛି। ସେମାନଙ୍କ ଦୋକାନରେ ମଧ ଚଢ଼ାଉ ସମ୍ଭାବନା ରହିଥିବା ଯୋଗୁ ଦୋକାନ ବନ୍ଦ କରିଦେଲୁ ବୋଲି ଜଣେ ଦୋକାନ ମାଲିକ କହିଛନ୍ତି।

ସୋମବାର ପୂର୍ବାହ୍ଣ ପ୍ରାୟ ୧୧ଟା ସମୟରେ ଏହି ଚଢ଼ାଉ ଆରମ୍ଭ ହୋଇ ସନ୍ଧ୍ୟାରେ ଶେଷ ହୋଇଛି। ରାୟଗଡ଼ା ଆୟକର ଅଧିକାରୀ ଟି. ଗଙ୍ଗାରାଜୁଙ୍କ ନେତୃତ୍ୱରେ ଭବାନୀପାଟଣା ଓ ଜୟପୁରସ୍ଥିତ ଆୟକର ବିଭାଗର ଅଧିକାରୀ ମିଳିତ ଭାବେ ଏହି ଚଢ଼ାଉ କରିଥିଲେ। ତେବେ ଆୟକର ଅଧିକାରୀ ସାବିତ୍ରୀ ଜୁଏଲର୍ସ ନାମରେ କ'ଣ ଅଭିଯୋଗ ପାଇଥିଲେ ଓ ଯାଞ୍ଚ ପରେ କ'ଣ ଠାବ ହେଲା ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ ବ୍ୟାପକ ଆୟକର ଫାଙ୍କିଥିବା ଅଭିଯୋଗରେ ଚଢ଼ାଉ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।



ଆୟକର ବିଭାଗ ଅଧିକାରୀମାନେ ଦୋକାନରେ ଯାଞ୍ଚ କରୁଛନ୍ତି।

# ଚଇତି ମହୋତ୍ସବ ଉପଲକ୍ଷେ କବିତା ଆସର


ଆସରରେ ଉପସ୍ଥିତ କବି କବିତା ପାଠ କରୁଛନ୍ତି ।

ପଦ୍ମପୁର, ୧୮।୧୨ (ପ୍ରଶାନ୍ତ କୁମାର କର)

ପଦ୍ମପୁର ବ୍ଲକସ୍ତରୀୟ 'ଚଇତି ମହୋତ୍ସବ' ଉପଲକ୍ଷେ ବ୍ଲକ୍ ସଦ୍‌ଭାବନା ଗୃହଠାରେ ସୋମବାର ଏକ କବିତା ଆସର ଅନୁଷ୍ଠିତ ହୋଇଛି। ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କବିତା ଆସରରେ ଅଞ୍ଚଳର କବି ଓ କବୟିତ୍ରୀମାନେ ଯୋଗଦେଇଥିଲେ। ଅତିଥି ଭାବେ ବିଡ଼ିଓ ସୁଜିତ ମିଶ୍ର, ଗୋଷ୍ଠୀ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ଶବର, ଅବସରପ୍ରାପ୍ତ ଶିକ୍ଷକ ରାଧାରମଣ ପାଢ଼ୀ, ଗୁରୁବ୍ରହ୍ମା ମଞ୍ଚାସୀନ ଥିଲେ। ସେହିପରି ସମ୍ମାନୀତ ଅତିଥି ଭାବେ ଶିକ୍ଷକ ଦିଲୀପ କୁମାର କର, ସଙ୍ଗୀତଜ୍ଞ ତଥା ନିର୍ଦ୍ଦେଶକ ମନୋଜ ଜେନା, ଯୋଗାଣ ବିଭାଗ ଅଧିକାରୀ ପ୍ରଭାକର ମଲ୍ଲିକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।

କାର୍ଯ୍ୟକ୍ରମରେ ସୁନିଲ ମିଶ୍ର, ଆଦିତ୍ୟ ମିଶ୍ର ଓ ଜିପିଓ ବିଜୟ ରାଜଗୁରୁ ମଞ୍ଚ ପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ କବି ରୂପେଶ ସାହୁ ଓ କବୟିତ୍ରୀ ଅର୍ପିତା ନାୟକ ମଞ୍ଚ ସଂଯୋଜନା ଦାୟିତ୍ୱ ନିର୍ବାହ କରିଥିଲେ। କବିତା ଆସରରେ ଶିକ୍ଷୟିତ୍ରୀ ଗାୟତ୍ରୀ ପଣ୍ଡା, ଶିକ୍ଷକ ଚିତ୍ତରଞ୍ଜନ ସେନାପତି, ରାଧାମୋହନ ପାଣିଗ୍ରାହୀ, ଜଗା ଦାସ, ସୌମ୍ୟ ରଞ୍ଜନ ନାୟକ, ପ୍ରଭାସିନୀ ପଣ୍ଡା, ନନ୍ଦିନୀ ସାହୁ, ଶୁଭମ ସାହୁ, ସୁନିତା ସାହୁ, ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ ପ୍ରମୁଖ କବିତାପାଠ କରିଥିଲେ। ଶେଷରେ ଶିକ୍ଷକ ଚିତ୍ତରଞ୍ଜନ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

### ଦଶହରା ବଜାରରେ ବୁଲିଲା ଲାଠି, କୁର୍ଚ୍ଚି

ଡାବୁଗାଁ, ୧୮।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଜୁନାପାଣି ଗ୍ରାମରେ ଦଶହରା ବଜାର ସୋମବାର ପଡ଼ିଛି। ଏହି ଉପଲକ୍ଷେ ପଡ଼ିଥିବା ଦୋକାନ ବଜାରରେ ଲୋକଙ୍କ ଭିଡ଼ ଜମିଥିଲା। ଆଖପାଖ ଗ୍ରାମରୁ ଲୋକେ ଏହାକୁ ଆସିଥିଲେ। ମା ଠାକୁରାଣୀଙ୍କ ସମେତ ପାଖ ଅଞ୍ଚଳରୁ ଆସିଥିବା ଠାକୁରାଣୀଙ୍କ ଲାଠି, କୁର୍ଚ୍ଚିଙ୍କୁ ବଜାର ପରିକ୍ରମା କରାଯାଇ ସମସ୍ତଙ୍କୁ ମା ଠାକୁରାଣୀଙ୍କ ଆସ୍ଥାନରେ ପୂଜାର୍ଚ୍ଚନା କରାଯାଇଛି। ଲୋକଙ୍କ ମନୋରଞ୍ଜନ ପାଇଁ ଦାମ ଗୁରୁଙ୍କ ନିର୍ଦ୍ଦେଶନାରେ ଏକ ଦେଶୀଆ ନାଟକ ପରିବେଷଣ କରାଯାଇଛି। ଜୁନାପାଣି ସରପଞ୍ଚ ଦୟାନିଧି ଭତ୍ରା, ବିପିନ ଡଙ୍ଗରୀ, ଶୁକ୍ରୁ ହରିଜନ, କୃଶ ଗୌଡ଼, ଦେବୀସିଂ ଭତରା, ମଧୁ ଗୌଡ଼, ବିଶ୍ୱନାଥ ମାଝି, ସଦା ହରିଜନ, ଫୁଲଚନ୍ଦ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଚିନାସାରି ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ


ଛାତ୍ରୀମାନଙ୍କ ମଧରେ ଦୌଡ ପ୍ରତିଯୋଗିତା ଚାଲିଛି।

ଗୁଣପୁର, ୧୮।୧୨(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବ୍ଲକ ଚିନାସାରି ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଛି । ଗ୍ରାମାଞ୍ଚଳରେ ପଢୁଥିବା ବିଦ୍ୟାର୍ଥୀଙ୍କ ମଧ୍ୟରେ ଖେଳୁଆଡ଼ ମନୋଭାବ ବୃଦ୍ଧି ନିମନ୍ତେ ବଣ ପାହାଡ଼ ଘେରା ନେତାଜୀ ଉଚ୍ଚ ବିଦ୍ୟାଳୟରେ ୩ ଦିନିଆ ବାର୍ଷିକ କ୍ରୀଡ଼ା ଆରମ୍ଭ କରାଯାଇଛି। ଏଥିଲାଗି ଗ୍ରାମ ଦେବୀ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ଥିଲା । କ୍ରୀଡ଼ା ସମାବେଶରେ ଅଲିମ୍ପିକ ଖେଳ ଦୌଡ଼, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଶଟ୍‌ପୁଟ, ଡିସ୍‌କସ୍ ଥ୍ରୋ, ଜାଭଲିନ, କବାଡି, ଝିଅମାନଙ୍କ ଦୌଡ଼, ଲେମ୍ବୁ ଚାମଚ, ଅଖା ଡିଆଁ ଇତ୍ୟାଦି ଖେଳକୁଦ ଆୟୋଜିତ କରାଯିବ। ଏହି କ୍ରୀଡ଼ା ଉତ୍ସବ ପ୍ରଧାନ ଶିକ୍ଷକ ଇନ୍ଦିରା ମହାପାତ୍ର ଓ କ୍ରୀଡାଙ୍ଗନା ଦାୟିତ୍ୱରେ ଥିବା ଶିକ୍ଷକ ଘନଶ୍ୟାମ ବେହେରାଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଛି। କ୍ରୀଡ଼ା ସମାବେଶରେ ନେତାଜୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଘାସିରାମ ରଥ, କିରାଣି ବିଶ୍ୱନାଥ ପାଢ଼ୀ, ଶିକ୍ଷକ ଉମା ଶଙ୍କର ଦାଶ, ସହାୟକ ପ୍ରକାଶ ରାଉତ, ସୁନିତ ଶବର, ରବୀନ୍ଦ୍ର ପ୍ରଧାନୀ, ଭବାନୀ ଶଙ୍କର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି ।

# ଚଇତି ଉପଲକ୍ଷେ କ୍ରୀଡ଼ା ପ୍ରତିଯୋଗିତା

ପଦ୍ମପୁର, ୧୮।୧୨ (ପ୍ରଶାନ୍ତ କୁମାର କର)


ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାଗନେଇଥିବା ଖେଳାଳିମାନେ ।

ପଦ୍ମପୁରରେ ବ୍ଲକସ୍ତରୀୟ ଲୋକ ଉତ୍ସବ ଚଇତି–୨୦୨୩ ନିମନ୍ତେ ବିଦ୍ୟାଳୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗନେଇଥିଲେ। ବାଳକ ବର୍ଗରେ କବାଡି ଏବଂ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କବାଡି ପ୍ରତିଯୋଗିତାରେ ପଦ୍ମପୁର ବିଏନ ଉଚ୍ଚ ବିଦ୍ୟାଳୟ ଏବଂ ଭଲିବଲ ପ୍ରତିଯୋଗିତାରେ ଗୋଡିଆବନ୍ଧ ବସନ୍ତ ଦେବୀ ବିଦ୍ୟାପୀଠ ଚାମ୍ପିୟନ ହୋଇଛି । ସେହିଭଳି ବାଳିକା ବର୍ଗରେ ଅନୁଷ୍ଠିତ ହୋଇଥିବା ଖୋଖୋ ପ୍ରତିଯୋଗିତାରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଚମ୍ପିୟନ ହୋଇଥିଲେ। ସେହିଭଳି ଜନସାଧାରଣଙ୍କ ନିମନ୍ତେ ଅନୁଷ୍ଠିତ କ୍ୟାରମ ପ୍ରତିଯୋଗିତାରେ ଜେ ଅଶୋକ କୁମାର ଏବଂ ପ୍ରଶାନ୍ତ କୁମାର ସାହୁ ଚାମ୍ପିୟନ ହୋଇଥିବାବେଳେ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଏସ୍ ବିନୋଦ କୁମାର ଏବଂ କୈବର୍ତ୍ତ ଚାମ୍ପିୟନ ହୋଇଛନ୍ତି । ଚଇତି କ୍ରୀଡା କମିଟି ଅଧକ୍ଷ ତଥା ଗୋଷ୍ଠୀ ଶିକ୍ଷାଧିକାରୀ ସୁବାଷ ଚନ୍ଦ୍ର ଶବର, କ୍ରୀଡା କମିଟି ଆବାହକ ତଥା ଏବିଇଓ ସତ୍ୟ ନାରାୟଣ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । କ୍ରୀଡା କମିଟିର ସଦସ୍ୟ ରମକାନ୍ତ ମାଝୀ, ଜେ ଅଶୋକ କୁମାର, ରଞ୍ଜନ କୁମାର ବେହେରା, ପାନାଡା ବିଶ୍ୱନାଥ, ଅଜିତ କୁମାର ଚୌଧୁରୀ ଏବଂ ଚିତ୍ତରଞ୍ଜନ ସେନାପତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ରାଷ୍ଟ୍ର ଗଠନରେ ଶିକ୍ଷାର୍ଥୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ଗୁଣପୁର,୧୮।୧୨(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବ୍ଲକ ଅନ୍ତର୍ଗତ ଡମ୍ବସରା ଯୁକ୍ତ ୨ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ପୁରସ୍କାର ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ଏହି ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା, ସାଂସ୍କୃତିକ ପ୍ରତିଯୋଗିତା ତଥା ସାମାଜିକ ସଚେତନତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ରୂପେ ଅନୁଷ୍ଠାନର ପୂର୍ବତନ ସଭାପତି ବାସୁଦେବ ସାହୁକାର ଯୋଗଦେଇଥିଲେ। ମୁଖ୍ୟବକ୍ତା ରୂପେ ସମାଜସେବୀ ତଥା ଚିନାସାରି ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଉମାଶଙ୍କର ଦାସ ଯୋଗଦେଇ ରାଷ୍ଟ୍ର ଗଠନରେ ଶିକ୍ଷାର୍ଥୀଙ୍କ ଭୂମିକା ଓ ଯୁବଶକ୍ତିର ବିକାଶରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ଆଶ୍ୟକତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ନୋଡାଲ ଅଫିସର ଡ. ପ୍ରଶାନ୍ତ କୁମାର ହୋତା ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ଅଧକ୍ଷ ବିଦ୍ୟାଧର ନାହାକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡମ୍ବସରା ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଅବସରପ୍ରାପ୍ତ ଶିକ୍ଷକ ଘାସି ଶବର, ସରସ୍ୱତୀ ଶିଶୁ ମନ୍ଦିରର ଉପସଭାପତି ବଳରାମ ଦାମୋଦର ଏବଂ ସମାଜସେବୀ ସବିତା ସାହୁକାର ଉପସ୍ଥିତ ଥିଲେ । ଅଧାପକ ଶେଷଶାୟୀ ସେନାପତି ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଅଧାପକ ସନ୍ତୋଷ ହୋତା ପୁରସ୍କାର ବିତରଣ କାର୍ଯ୍ୟକ୍ରମର ଦାୟିତ୍ୱ ତୁଲାଇଥିଲେ। ଶେଷରେ ବରିଷ୍ଠ କିରାଣି ସହଦେବ ମଲ୍ଲିଫୁଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀଛାତ୍ର ମୋବାଇଲଠାରୁ ଦୂରେଇ ରହିବାକୁ ପରାମର୍ଶ

## ମହାତ୍ମାଗାନ୍ଧୀ ଇଣ୍ଟର ନ୍ୟାଶନାଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ଗୁଣୁପୁର, ୧୮।୧୨(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ସଦର ମହକୁମାସ୍ଥିତ ସ୍ଥାନୀୟ ଇଣ୍ଡୋର୍ ଷ୍ଟାଡିୟମ ନିକଟ ପଡିଆଠାରେ ମହାତ୍ମା ଗାନ୍ଧୀ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ଭାବେ ଗୁଣପୁର ମହାବିଦ୍ୟାଳୟ ଇତିହାସ ବିଭାଗର ପ୍ରାଧାପକ ଡ. ଜବାହରଲାଲ ଚୌଧୁରୀ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୁରଜ ନାୟକ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷ ବ୍ରଜ ସୁନ୍ଦର ପାଢୀ, ଉପାଧକ୍ଷ ସନ୍ତୋଷ କୁମାର ଗୁରୁ, ସମ୍ପାଦକ ରାଜେଶ କୁମାର ପଣ୍ଡା, ପରିଚାଳନା ନିର୍ଦ୍ଦେଶକ ଲୋକନାଥ ମିଶ୍ର ଓ ବିଦ୍ୟାଳୟର ଅଧକ୍ଷ ମିନାକ୍ଷୀ ସାହୁ ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ଅନୁରାଧା ମଣ୍ଡଳ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ ଅତିଥି ଜିଲା ମଙ୍ଗଳ ଅଧିକାରୀ ପିଲାଙ୍କୁ ଭଲ ପାଠ ପଢିବା ସହ ମୋବାଇଲ ଫୋନଠୁ ଦୂରରେ ରହିବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ପୂର୍ବରୁ ହୋଇଥିବା କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଉପହାର ଦିଆଯାଉ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଅନୁରାଧା ମଣ୍ଡଳ ଓ ତପନ ସେନାପତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକଙ୍କ ମଧରେ ମଧ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷୟତ୍ରୀ ବୃନ୍ଦାବତୀ ଶବର ପ୍ରଥମେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ପ୍ରତିଭାବାନ୍ ଖେଳାଳିଙ୍କୁ ସୁଯୋଗ ଦେବାକୁ ପ୍ରୟାସ

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବିଷମ କଟକ, ୧୮।୧୨ (ବିଭୂତି ଭୂଷଣ ନାୟକ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବିଷମକଟକସ୍ଥିତ ମା' ମାର୍କମା ମହାବିଦ୍ୟାଳୟରେ ୪ଦିନ ଧରି ଚାଲିଥିବା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜାତି, ଜନଜାତି ତଥା ଆଇନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ କହିଥିଲେ ଯେ, ବର୍ତ୍ତମାନ ପରିପ୍ରେକ୍ଷୀରେ ଓଡିଶା କ୍ରୀଡାର ହବ୍ ପାଲଟିଛି। ତେଣୁ ରାଜ୍ୟ ସରକାର ଗ୍ରାମାଞ୍ଚଳ ଖେଳାଳିଙ୍କୁ ପ୍ରୋତ୍ସାହନ ଦେବା ସହ ଲୁକ୍କାୟିତ ପ୍ରତିଭାଙ୍କୁ ଚିହ୍ନଟ କରି ଲୋକଲୋଚନ କୁ ଆଣିବା ଲକ୍ଷ୍ୟରେ ନୂଆ ଓଡିଶା ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ଅନୁଷ୍ଠାନରେ କ୍ରୀଡା, ସାଂସ୍କୃତିକ ପ୍ରତିଯୋଗିତା, ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଏସ୍‌କେୱାଇ ଉପଦଦଷ୍ଟା ସୁଧୀର ଦାସ, ଅନୁସୂଚିତ ଜାତି, ଜନଜାତି ବିଭାଗ ଉପଦେଷ୍ଟା ପୃଥୀରାଜ ସାହୁ, କେ. ଭେଙ୍କେଟଶ୍ୱର ରେଢ୍ଡୀ, ତହସିଲଦାର ଉମାଶଙ୍କର ନିମାଲପୁରୀ, ଯୁକ୍ତ +୨ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ଭାଗିରଥୀ ପଳାଇ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଦର୍ଶନ ରଥ, ପୀତାମ୍ବର ତ୍ରିପାଠୀ, ଭଦ୍ରକ ସଂସ୍କୃତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଦୁର୍ଗା ପ୍ରସାଦ ସାମନ୍ତରାୟ, +୩ କଲେଜ ଅଧକ୍ଷ ଡ଼ ଅଶିନୀ କୁମାର ପଣ୍ଡା ଅବସରପ୍ରାପ୍ତ ଅଧାପକ ବିନୋଦ କୁମାର ପାତ୍ରଉପସ୍ଥିତିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ମନ୍ତ୍ରୀ ସାରକା ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।

# ଟୁଟୁନି କଟ୍‌ନୀଛଟ୍‌ନୀ ବିବାଦ, ମଣ୍ଡିରୁ ଉଠୁନି ଧାନ

ତେନ୍ତୁଳିଖୁଣ୍ଟି, ୧୮।୧୨ (ଚିଦାନନ୍ଦ ସାହୁ)

ଚାଷୀ ମିଲର ନିଜ ନିଜ ଜିଦ୍‌ରେ ଅଟଳ। ଫଳରେ ମଣ୍ଡିରୁ ଧାନ ଉଠିପାରୁନି। ଉଦ୍‌ଘାଟନକୁ ୮ଦିନ ବିତିଯାଇଥିଲେ ମଧ୍ୟ ଚାଷୀ ମଣ୍ଡିରେ ଧାନ ବିକ୍ରୀ କରିପାରୁ ନାହାନ୍ତି। ଏହା ହେଉଛି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଗୁମା ଲ୍ୟାମ୍ପ ଅଧୀନ ପାତ୍ରପୁଟ ମଣ୍ଡିର ଅବସ୍ଥା।

ପ୍ରକାଶ ଯେ, ଗତ ୧୦ ତାରିଖରେ ମଣ୍ଡି ଉଦ୍‌ଘାଟିତ ହୋଇଥିଲା। କିନ୍ତୁ ଏଠାରେ ମିଲରଙ୍କୁ ଟ୍ୟାଗ ହୋଇ ନ ଥିଲା। ସୋମବାର ପ୍ରଥମ ଥର ମଣ୍ଡିକୁ ଚାଷୀ ଧାନ ନେଇ ଯାଇଥିଲେ। ପ୍ରଥମ ଦିନରୁ ହିଁ

### ଚାଷୀ, ମିଲର ନିଜ ଜିଦ୍‌ରେ ଅଟଳ

ଚିରାଚରିତ କଟନୀ ଛଟନୀକୁ ନେଇ ଚାଷୀ ମିଲର ମଧ୍ୟରେ ତୁ ତୁ ମେ ମେ ଆରମ୍ଭ ହୋଇଥିଲା। ମଣ୍ଡିରେ ୩ମିଲରଙ୍କୁ ଧାନ ନେବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ମିଲର କୁଇଣ୍ଟାଲ ପ୍ରତି ୫ କେଜି ଧାନ କଟନୀଛଟନୀ କରିବୁ ବୋଲି କହିଥିଲେ। ସେଥିରେ ଚାଷୀ ରାଜି ହେଲେ ନାହିଁ। ଚାଷୀ ସଂଘ ଏହି ଖବର ପାଇ ମଣ୍ଡିକୁ ଯାଇଥିଲେ। ଚାଷୀଙ୍କ ସହ ଚାଷୀ ସଂଘ ସଦସ୍ୟମାନେ ବୈଠକ କରିଥିଲେ। ଚାଷୀ କୁଇଣ୍ଟାଲ ପିଛା ୨ କେଜି ଧାନ କଟନୀଛଟନୀ ପାଇଁ ରାଜି ହୋଇଥିଲେ। କିନ୍ତୁ ସରକାରୀ ନିୟମ ପ୍ରକାରେ ମିଲର ବସ୍ତା ବାବଦକୁ ପଇସା ଦେବେ ବୋଲି ସେମାନେ କହିଥିଲେ। ଏହି ନିଷ୍ପତ୍ତିରେ ମିଲରମାନେ କିନ୍ତୁ ରାଜି ହେଲେ ନାହିଁ। ଫଳରେ ଚାଷୀଙ୍କ ଧାନ କିଣାଯାଇ ପାରି ନାହିଁ। ଏ ସମ୍ପର୍କରେ ଅଞ୍ଚଳଗୁମା ଲ୍ୟାମ୍ପ୍‌ସ ଏମଡି ସୁଶୀଲ ମହାପାତ୍ରଙ୍କୁ ପଚାରିବାରୁ କହିଲେ ଚାଷୀ ଧାନ ଆଣିଛନ୍ତି। ତାରା ତାରିଣୀ, ଏସ୍.ଏଲ୍ ଓ ମହାଲକ୍ଷ୍ମୀ ରାଇଶ ମିଲ୍‌କୁ ଏହି ମଣ୍ଡିକୁ ଟାଗ ହୋଇଛି। ଏଠାରେ ୯ହଜାର କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ରହିଛି। ମିଲର ଓ ଚାଷୀଙ୍କ ବୁଝାମଣା ନ ହେବାରୁ ଧାନ ଉଠି ପାରି ନାହିଁ ବୋଲି ସେ କହିଛନ୍ତି। ସେହିପରି ପୂଜାରିଗୁଡା ମଣ୍ଡିରେ ମଧ୍ୟ ୬୦୦ ପ୍ୟାକେଟ ଧାନ ପଡିଛି। ଏଠାରେ ସୁମଙ୍ଗଳ ରାଇଶ ମିଲ, ମହାଲକ୍ଷ୍ମୀ ରାଇଶ ମିଲ, ଏସ୍.ଏଲ୍. ରାଇସ୍ ମିଲ ଧାନ କିଣିବାକୁ ଟାଗ ହୋଇଛି। ମାତ୍ର ମିଲର ଆସିଲେ ବୁଲି କି ଦେଖି ଚାଲିଯାଇଥିଲେ ଧାନ ବିକ୍ରି ପାଇଁ ଆସିଥିବା ଚାଷୀମାନେ କହିଛନ୍ତି। ପ୍ରଥମ ଦିନରୁ ହିଁ ଚାଷୀଙ୍କ ଉପରେ ମିଲରଙ୍କ ରାଜୁତି କୁ ନେଇ ଚାଷୀ ସଂଘ ସଭାପତି ବସନ୍ତ ପାଣିଗ୍ରାହୀ କ୍ଷୋଭ ପ୍ରକାଶ କରିଛନ୍ତି।

# ଆଇଡିବିଆଇ ବ୍ୟାଙ୍କରେ କୋଟିଏ ଟଙ୍କାର ହେରଫେର

ନବରଙ୍ଗପୁର, ୧୮।୧୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହରସ୍ଥିତ ଆଇଡିବିଆଇ ବ୍ୟାଙ୍କରେ ଏକ କୋଟି ଟଙ୍କାର ଆର୍ଥିକ ହେରଫେର ନେଇ ଅଭିଯୋଗ ହୋଇଛି। ଘଟଣାର ତଦନ୍ତ ପରେ ବ୍ୟାଙ୍କର ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ (ଡିଜିଏମ୍) ସ୍ୱରୂପ ଦତ୍ତ ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ପ୍ରାଥମିକ ତଦନ୍ତ କରି ବ୍ରାଞ୍ଚ ମ୍ୟାନେଜର ଅଞ୍ଜନ କୁମାର ଶତପଥୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛନ୍ତି। ଅଭିଯୋଗକୁ ଭିତ୍ତି କରି ନବରଙ୍ଗପୁର ପୋଲିସ କେସ୍ ନମ୍ବର ୫୨୩/୨୩ ରେ ଏକ ମାମଲା ରୁଜୁ କରିଛି।

ନବରଙ୍ଗପୁର ଆଇଡିବିଆଇ ବ୍ରାଞ୍ଚ ମ୍ୟାନେଜର ଅଞ୍ଜନ କୁମାର ଶତପଥୀ ଚଳିତ ମାସ ୧ ଓ ୨ ତାରିଖରେ ବ୍ୟାଙ୍କରେ କାରବାର ହୋଇଥିବା ଟଙ୍କାରୁ ୧ କୋଟି ନେଇ ଏସବିଆଇର କରେନ୍ସିଚେଷ୍ଟରେ ଜମା କରିବାର ଥିଲା। ସେ ଟଙ୍କା କିନ୍ତୁ ଜମା ହୋଇ ନ ଥିବା ଜଣାପଡ଼ିଛି। ୧୫ ତାରିଖରେ ଏକ କୋଟି ଟଙ୍କାର ନିଅଣ୍ଟ ଥିବା ଜଣାପଡିଥିଲା, ଯାହାକୁ ନେଇ ବ୍ୟାଙ୍କ କର୍ମଚାରୀ ଡିଜିଏମ୍ ସ୍ୱରୂପ ଦତ୍ତଙ୍କୁ ଜଣାଇଥିଲେ। ଏହାପରେ

### ନବରଙ୍ଗପୁର ବ୍ରାଞ୍ଚ ମ୍ୟାନେଜରଙ୍କୁ ପଚରାଉଚରା

ଡିଜିଏମ୍ ନବରଙ୍ଗପୁରସ୍ଥିତ ଆଇଡିବିଆଇ ବ୍ୟାଙ୍କକୁ ଆସି ତଦନ୍ତ କରିବା ପରେ ଥାନାରେ ଏତଲା ଦେଇଛନ୍ତି। ନବରଙ୍ଗପୁର ପୋଲିସ ବ୍ୟାଙ୍କକୁ ଯାଇ ତଦନ୍ତ କରିବା ସହ ମ୍ୟାନେଜରଙ୍କୁ ଅଟକରଖି ପଚରାଉଚରା କରୁଛି। ସୋମବାର ବ୍ୟାଙ୍କ କାରବାର କିଛି ସମୟ ପାଇଁ ବନ୍ଦ ଥିଲା। ବ୍ୟାଙ୍କ ବନ୍ଦ କରାଯିବା ନେଇ ଗ୍ରାହକଙ୍କ ନିମନ୍ତେ କୌଣସି ପୂର୍ବ ସୂଚନା କିମ୍ବା ନୋଟିସ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜାରି କରାଯାଇନଥିଲା। ଗ୍ରାହକମାନେ ବ୍ୟାଙ୍କକୁ ଆସି ନିରାଶ ହୋଇ ଫେରିଥିଲେ। ବ୍ୟାଙ୍କ ସମ୍ମୁଖରେ ପୋଲିସ ଗାଡ଼ି ରହିଥିବା ବେଳେ ପୋଲିସ ବ୍ରାଞ୍ଚ ଭିତରେ ତଦନ୍ତ କରୁଥିବା ସୂଚନା ମିଳିଛି। ଏ ନେଇ ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣଚନ୍ଦ୍ରଭତରାଙ୍କୁ ପଚାରିବାରୁ ଆଇଡିବିଆଇ ବ୍ୟାଙ୍କରେ ଟଙ୍କା ହେର୍‌ଫେର୍ ନେଇ ଅଭିଯୋଗ ଆସିଛି। ପୋଲିସ ମାମଲା ରୁଜୁ କରି ଏହାର ତଦନ୍ତ ଚଳାଇଛି ବୋଲି ସେ କହିଛନ୍ତି।

# ସଂକ୍ଷେପରେ

## ନିଯୁକ୍ତି ବିଳମ୍ବ ନେଇ ଅସନ୍ତୋଷ

### ମଧୁବାବୁ ଆଇନ ସହାୟତା ଶିବିର

ନବରଙ୍ଗପୁର, ୧୮।୧୨ (ସଦାଶିବ ପ୍ରହରାଜ)

ଆଇନ ବିଭାଗ ପକ୍ଷରୁ ମଧୁବାବୁ ଆଇନ ସହାୟତା ଯୋଜନା କାହା ସ୍ୱାର୍ଥରେ ବୋଲି ନବରଙ୍ଗପୁର ଓକିଲ ସଂଘ ପୂର୍ବତନ ସମ୍ପାଦକ ରାମ ପ୍ରସାଦ ପାତ୍ର ପ୍ରଶ୍ନ ଉଠାଇଛନ୍ତି। ମହିଳା, ଶିଶୁ, ବରିଷ୍ଠ ନାଗରିକ, ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆ ଶ୍ରେଣୀର ନାଗରିକଙ୍କୁ ଆଇନ ସହାୟତା ଯୋଗାଇ ଦେବା ଉଦ୍ଦେଶ୍ୟରେ ହୋଇଥିବା ମଧୁବାବୁ ଆଇନ ସହାୟତା ଯୋଜନା କାର୍ଯ୍ୟକାରୀ ହୋଇ ନ ଥିବାରୁ ଜନସାଧାରଣ ଓ ଓକିଲଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମଧୁବାବୁ ଆଇନ ସହାୟତା ଯୋଜନାରେ ନିଯୁକ୍ତି ପାଇଁ ଜିଲାର ୧୮୯ ପଞ୍ଚାୟତ ନିମନ୍ତେ ଜିଲା ଆଇନଜୀବୀ ସଂଘ ପକ୍ଷରୁ ସୁପାରିସ କରାଯାଇଥିଲେ ମଧ୍ୟ ତାହା ସରକାରଙ୍କ ପାଖରେ ଅଟକି ଥିବା ଜଣାପଡିଛି। ଏହି ଯୋଜନା କାର୍ଯ୍ୟକାରୀ କରିବାରେ ଅହେତୁକ ବିଳମ୍ବକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲା ଆଇନଜୀବୀ ସଂଘ ପୂର୍ବତନ ସାଧାରଣ ସମ୍ପାଦକ ପାତ୍ର ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିବା ଜଣାପଡିଛି। ସୂଚନାଯୋଗ୍ୟ, ୭ ବର୍ଷ ପୂର୍ବେ ଆଇନ ବିଭାଗ ପକ୍ଷରୁ ନିର୍ଦ୍ଧାରଣ ନଂ ୧୦୭୪୬/ଏଇ ୨୬।୧୦।୧୬ରେ ପୁରୀ ଜିଲା ନିମାପଡାରେ ସରକାର ଏହି ଯୋଜନା ଆରମ୍ଭ କରିଥିଲେ। ତେବେ ଏତେ ବର୍ଷ ପରେ ମଧ୍ୟ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଇ ନ ଥିବା ଅଭିଯୋଗ ହୋଇଛି।

## ଦଶହରା ବଜାରରେ ବୁଲିଲା ଲାଠି, କୁର୍ଚ୍ଚି

ଡାବୁଗାଁ, ୧୮।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଜୁନାପାଣି ଗ୍ରାମରେ ଦଶହରା ବଜାର ସୋମବାର ପଡ଼ିଛି। ଏହି ଉପଲକ୍ଷେ ପଡ଼ିଥିବା ଦୋକାନ ବଜାରରେ ଲୋକଙ୍କ ଭିଡ଼ ଜମିଥିଲା। ଆଖପାଖ ଗ୍ରାମରୁ ଲୋକେ ଏହାକୁ ଆସିଥିଲେ। ମା ଠାକୁରାଣୀଙ୍କ ସମେତ ପାଖ ଅଞ୍ଚଳରୁ ଆସିଥିବା ଠାକୁରାଣୀଙ୍କ ଲାଠି, କୁର୍ଚ୍ଚିଙ୍କୁ ବଜାର ପରିକ୍ରମା କରାଯାଇ ସମସ୍ତଙ୍କୁ ମା ଠାକୁରାଣୀଙ୍କ ଆସ୍ଥାନରେ ପୂଜାର୍ଚ୍ଚନା କରାଯାଇଛି। ଲୋକଙ୍କ ମନୋରଞ୍ଜନ ପାଇଁ ଦାମ ଗୁରୁଙ୍କ ନିର୍ଦ୍ଦେଶନାରେ ଏକ ଦେଶୀଆ ନାଟକ ପରିବେଷଣ କରାଯାଇଛି। ଜୁନାପାଣି ସରପଞ୍ଚ ଦୟାନିଧି ଭତ୍ରା, ବିପିନ ଡଙ୍ଗରୀ, ଶୁକୃ ହରିଜନ, କୃଶ ଗୌଡ଼, ଦେବୀସିଂ ଭତରା, ମଧୁ ଗୌଡ଼, ବିଶ୍ୱନାଥ ମାଝି, ସଦା ହରିଜନ, ଫୁଲଚନ୍ଦ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ହିତାଧିକାରୀଙ୍କୁ ସହାୟତା, ଦିବ୍ୟାଙ୍ଗ ପ୍ରମାଣପତ୍ର

### ଡାବୁଗାଁରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଡାବୁଗାଁ, ୧୮।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)


ଦିବ୍ୟାଙ୍ଗମାନେ ନାମ ପଞ୍ଜୀକରଣ କରାଉଛନ୍ତି।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉକ୍ତ ଶିବିର ଉଦ୍‌ଘାଟନ କରିଛନ୍ତି। ପୂର୍ବରୁ ଅନଲାଇନରେ ମୋଟ ୨୯୫ ଜଣ ହିତାଧିକାରୀ ପଞ୍ଜୀକୃତ କରିଥିଲେ। କର୍ଣ୍ଣ, ନାଶା ଓ ଗଳା ବିଶେଷଜ୍ଞ ଡା. ତୃପ୍ତିରଞ୍ଜନ ଷଡଙ୍ଗୀ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଅଭିଷେକ ଦାଶ, ଭେଷଜ ବିଶେଷଜ୍ଞ ଡା. ଏମ୍. ରାଧାକୃଷ୍ଣ ନାୟକ, ଡା. ରାଜେଶ ପଣ୍ଡା, ଡା. ସମ୍ବିଦ ପାତ୍ର, ଡା. ନବଘନ ସେଠୀ ପ୍ରମୁଖ ଯୋଗ ଦେଇ ଦିବ୍ୟାଙ୍ଗଙ୍କୁ ଚିକିତ୍ସା କରିଥିଲେ। ସାଇକୋଲୋଜିଷ୍ଟ ବିଭୂଦତ୍ତ ସେଠୀ, ଅଡିଓଲୋଜିଷ୍ଟ ଶିବପ୍ରସାଦ ସାହୁ, ଫିଜିଓଥେରାପିଷ୍ଟ ଘନଶ୍ୟାମ ବେହେରା, ନିହାର ରଞ୍ଜନ ବେହେରା ପ୍ରମୁଖ ଚିକିତ୍ସାରେ ସହାୟତା କରିଥିଲେ। ମୋଟ ୫ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର, ୧୬୯ ଜଣଙ୍କୁ ୟୁଡିଆଇଡି କାର୍ଡ ପ୍ରଦାନ କରାଯାଇଛି। ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଜୋନ-୧ ଜିଲାପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଜୋନ-୨ ଗୁପ୍ତ ବିଷୋୟୀ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏ.ଡି. ପ୍ରସାଦ, ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ ପରିଚାଳନା କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ପର୍ଶୁରାମ ମାଳୀ, ଅମୂଲ୍ୟ ଦଳାଇ ଓ ଅନ୍ୟ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

# ପରିତ୍ୟକ୍ତ ସ୍ଥାନରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

ନନ୍ଦାହାଣ୍ଡି, ୧୮।୧୨ (ପ୍ରତୀପ କୁମାର ଦାଶ)

ନନ୍ଦାହାଣ୍ଡି ବ୍ଲକ ଦହଣା ପଞ୍ଚାୟତ ମୁଖ୍ୟାଳୟରେ ଥିବା ଟ୍ରାନ୍ସଫର୍ମରର ଚାରିପଟେ ଅନାବନା ଗଛଲତା ରହିଛି। ଏହାର ପାଚେରୀ ଦୀର୍ଘ ଦିନ ହେବ ଭଗ୍ନ ଅବସ୍ଥାରେ ରହିଥିବାବେଳେ କୌଣସି ଫାଟକ ନାହିଁ। ଫଳରେ ଅନେକ ସମୟରେ ଗାଈଗୋରୁ ଭିତରେ ପଶି କରେଣ୍ଟ ସଂସ୍ପର୍ଶରେ ଆସି ଯାଉଛନ୍ତି। ତଥାପି ବିଦ୍ୟୁତ ବିଭାଗ ପକ୍ଷରୁ କୌଣସି ଉଚିତ ପଦକ୍ଷେପ ନିଆଯାଉ ନାହିଁ। ବିଦ୍ୟୁତ୍ ଜନିତ କୌଣସି ସମସ୍ୟା ହେଲେ ତାହାର ମରାମତି ପାଇଁ ଆସୁଥିବା କର୍ମଚାରୀ ମଧ୍ୟ ଏହି ଭଳି ବିପଦପୂର୍ଣ୍ଣ ଅବସ୍ଥାରେ ହିଁ ନିଜ କାମ କରୁଛନ୍ତି। କେତେବେଳେ ମଧ୍ୟ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ଏ ନେଇ ବିଦ୍ୟୁତ୍ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ସମସ୍ୟାର ଶୀଘ୍ର ସମାଧାନ କରାଯିବ ବୋଲି ସେ କହିଛନ୍ତି। ପ୍ରକାଶ



ଯେ, ସରକାର ଟାଟା ପାୱାରକୁ ବିଦ୍ୟୁତ୍ ବିଭାଗ ହସ୍ତାନ୍ତର କରିଛନ୍ତି। ଏହାପରେ ଟାଟା ପାୱାର ବିଦ୍ୟୁତ୍ ଦର ବଢ଼ାଇଛି। କିନ୍ତୁ ଗ୍ରାମାଞ୍ଚଳରେ ଠିକ୍‌ଭାବେ ସେବା ମିଳିପାରୁନି। ଏବେବି ବିଦ୍ୟୁତ୍ ସେବା ପାଇବାରେ ଗ୍ରାମାଞ୍ଚଳବାସୀ ଅସୁବିଧା ଭୋଗୁଛନ୍ତି।

# ବିଜେଡିରେ ମିଶିଲେ ଶରତ


ଏମ୍‌ପି ରମେଶଚନ୍ଦ୍ର ମାଝୀଙ୍କ ସହ ଶରତ ପାଣିଗ୍ରାହୀ ଓ ଅନ୍ୟମାନେ।

ଉମରକୋଟ, ୧୮।୧୨ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ବାବା ସାହେବ ଆମ୍ବେଡ଼କର ବିଚାର ମଞ୍ଚ ଜିଲା ସଭାପତି ଶରତ ପାଣିଗ୍ରାହୀ ଆନୁଷ୍ଠାନିକଭାବେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ଉମରକୋଟସ୍ଥିତ ବାସଭବନରେ ଶରତ ପାଣିଗ୍ରାହୀ ବିଜେଡିରେ ମିଶିଛନ୍ତି। ଏମ୍‌ପି ମାଝି ଶରତଙ୍କୁ ଦଳୀୟ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ସମୟରେ ଓଡ଼ିଶା ଉଠା ଜଳସେଚନ ନିଗମର ଉପଦେଷ୍ଟା ପ୍ରମୋଦ ପାଢ଼ୀ, ଉମରକୋଟ ପୌରପରିଷଦ ଉପାଧ୍ୟକ୍ଷ ସୁଧାଂଶୁ ଦାସ, ବ୍ଲକ୍ ବିଜେଡି ସଭାପତି ମନୋଜ ଧଳ, କାଉନ୍‌ସିଲର ଭିକି ନାୟକ ଓ ହିମାଂଶୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା, ଜନ ହିତକର ଯୋଜନା, ଏମ୍‌ପିଙ୍କ ନିର୍ମଳ ଭାବମୂର୍ତ୍ତି ଓ ପ୍ରମୋଦ ପାଢ଼ୀଙ୍କ ସାଙ୍ଗଠନିକ ଦକ୍ଷତାରେ ଅନୁପ୍ରାଣିତ ହୋଇ ବିଜେଡି ରେ ମିଶିଥିବା ଶରତ କହିଛନ୍ତି। ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରି ଦଳ ଭବିଷ୍ୟତରେ ଯେଉଁ ଦାୟିତ୍ୱ ଦେବ ତାହାକୁ ସୁଚାରୁ ରୂପେ ତୁଲାଇବି ବୋଲି ସେ କହିଛନ୍ତି।

# ମୋବାଇଲ ସେବା ଯୋଗାଇବାକୁ ଏମ୍‌ପିଙ୍କ ଦାବି

### କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଲେ

ନବରଙ୍ଗପୁର/ମାଲକାନଗିରି, ୧୮।୧୨ (ସଦାଶିବ ପ୍ରହରାଜ/ ଦୁର୍ଯ୍ୟୋଧନ ପାତ୍ର)

ନବରଙ୍ଗପୁର ଓ ମାଲକାନାଗିରି ଜିଲାର ସୀମାନ୍ତ ଅଞ୍ଚଳର କେତେକ ଗ୍ରାମ ମୋବାଇଲ ସେବା ଏବେଯାଏ ମିଳିପାରିନି। ସେ ସବୁସ୍ଥାନରେ ମୋବାଇଲ ଟାୱାର ସ୍ଥାପନ ନେଇ ଏମ୍‌ପି ରମେଶ ଚନ୍ଦ୍ର ମାଝି ରେଳ, ସୂଚନା ପ୍ରଯୁକ୍ତି ଓ ଟେଲି ଯୋଗାଯୋଗ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଦାବି କରିଛନ୍ତି। ସେ ଏକ ଦାବିପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ମାଲାକାନାଗିରି ଜିଲାର କୋରୁକଣ୍ଡା ବ୍ଲକ ନାକମାମୁଣ୍ଡି ପଞ୍ଚାୟତ ଆମ୍ବିଲିବେଡ଼ା, ପଡିଆ ବ୍ଲକ ଭିରକାନାପଲ୍ଲୀ, କଲଦାପାଲି, ଉଣ୍ଡୁକୁଣ୍ଡା ପଞ୍ଚାୟତ, ଚିତ୍ରକୋଣ୍ଡା ବ୍ଲକ ରାଲେଗଡ଼ା ପଞ୍ଚାୟତ ସୁରକୁବନ୍ଧ ଗ୍ରାମରେ ମୋବାଇଲ ସେବା ନାହିଁ। ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର ଗୋଡ଼ଦେଓପାଲି ପଞ୍ଚାୟତ, ପାପଡ଼ାହାଣ୍ଡି ବ୍ଲକର ଚେରଚେଟା ପଞ୍ଚାୟତର ବରାଦେଇ ଗାଁ, ଜଟାବାଲ ପଞ୍ଚାୟତର ଚିଙ୍ଗିଡିସର, ଚନ୍ଦାହାଣ୍ଡି ବ୍ଲକର ଗମ୍ଭାରିଗୁଡ଼ା, କୋଇଲିମୁଣ୍ଡା, ଉମରକୋଟ ବ୍ଲକ ତୋହରା ପଞ୍ଚାୟତର ପଦ୍ମଝରୀ ଓ ଝରିଗାଁ ବ୍ଲକ ଚକଲାପଦର ପଞ୍ଚାୟତର କଙ୍ଗ୍ରାରେ ମୋବାଇଲ ସେବା ମିଳୁନି। ଏହି ସବୁ ଅଞ୍ଚଳରେ ମୋବାଇଲ ଟାୱାର ସ୍ଥାପନ କରି ସେବା ପ୍ରଦାନ କରିବାକୁ ଏମ୍‌ପି ଦେଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି।

# ପେନସନ୍ ଦିବସ ପାଳିତ

ମାଲକାନଗିରି, ୧୮।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଆନୁକୂଲ୍ୟରେ ପେନସନ୍ ଦିବସ ପାଳିତ ହୋଇଯାଇଛି। ସଭାପତି ବାଲାରାଜୁ ପାଢିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ଆଶୋକ କୁମାର ସାମଲ ଓ ଉପଦେଷ୍ଟା ରବୀନ୍ଦ୍ର କୁମାର ମହାରଣା ମଞ୍ଚାସୀନ ଥିଲେ। ସରକାରୀ କର୍ମଚାରୀଙ୍କ ପେନ୍‌ସନର ଆବଶ୍ୟକତା ଏବଂ ଏହାର ତାତ୍ପର୍ଯ୍ୟ ସମ୍ପର୍କରେ ସମସ୍ତ କର୍ମକର୍ତ୍ତା ବୁଝାଇଥିଲେ। ଅବସରପ୍ରାପ୍ତ କର୍ମଚାରୀଙ୍କୁ ସରକାର ପେନ୍‌ସନ ସହ ଅନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବା ଉଚିତ ବୋଲି କହିଥିଲେ। କାର୍ଯ୍ୟକାରୀ କମିଟିର ସଭ୍ୟମାନଙ୍କ ମଧ୍ୟରେ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ବି. ଜନାର୍ଦ୍ଦନ ରାଓ, ସୁରେନ୍ଦ୍ର କୁମାର ମଲ୍ଲିକ, ସୁରୁ ଇରାସ୍ୱାମୀ, ସୁରେଶ କୁମାର ମଲ୍ଲିକ, ବାଳକୃଷ୍ଣ ପାଢି, ଚିରିବୀ ମହାପାତ୍ର, ନବକିଶୋର ସାହୁ, ସୀମାଞ୍ଚଳ ପାଣିଗ୍ରାହି, ଅଭିମନ୍ୟୁ ବେହେରା, ସି.ଏଚ ରମେଶ, ଜଗନ୍ନାଥ ତିଆଡି, ଦୁର୍ଗା ପ୍ରସାଦ ପଟ୍ଟନାୟକ, ପ୍ରମୁଖ ଉପସ୍ଥିତ ଥିଲେ। ସଭା ଶେଷରେ ବେଣୁପାଣି ଖାଡଙ୍ଗା ଉପସ୍ଥିତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ।

# ବୈଜ୍ଞାନିକ ଉପଦେଷ୍ଟାମଣ୍ଡଳୀ ବୈଠକ



ବୈଠକରେ ମଞ୍ଚାସୀନ କୃଷି ବୈଜ୍ଞାନିକମାନେ ଆଲୋଚନା କରୁଛନ୍ତି।

ମାଲକାନଗିରି, ୧୮।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମା ଜିଲା କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ୧୯ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ କୃଷି ବିଜ୍ଞାନ କେନ୍ଦ୍ର ବୈଠକ ଗୃହରେ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର କୃଷି ଓ ବୈଷୟିକ ବିଦ୍ୟାଳୟ, କୋଲକାତା ଅଟାରି, ମାଲକାନଗିରି କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ବୈଠକରେ ଉପସ୍ଥିତ ରହି ବିଭିନ୍ନ ଉନ୍ନତ ପ୍ରଣାଳୀ ସମ୍ପର୍କରେ ଆଲୋଚନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଯୋଜନା ଅନୁଯାୟୀ ୨୦୨୨ର ରବି ଓ ୨୦୨୩ର ଋତୁକାଳୀନ ସମ୍ପାଦିତ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ଏହି ବୈଠକକୁ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସିଦ୍ଧାର୍ଥ କର ପରିଚାଳନା କରିଥିଲେ। ବୈଠକରେ ମୁଖ୍ୟ ଅତିଥି ଭାବେ ଯୁଗ୍ମ ନିର୍ଦ୍ଦେଶକ ଡ. ହେମନ୍ତ କୁମାର ସାହୁ, ଡ. ପର୍ଶୁରାମ ସିଆଳ, ସିଡିଏଓ, ମାଲକାନଗିରି ଡ. ଜାମି ପ୍ରକାଶ ରାଓ, ଡିଡିଏଚ୍, ମାଲକାନଗିରି ଡ ପ୍ରସନ୍ନ କୁମାରପାତ୍ର, ନାବାର୍ଡ ଡିଡିଏମ୍ ସର୍ମିଳ କୁମାର ମଲ୍ଲିକ, ନବରଙ୍ଗପୁର ବରିଷ୍ଠ ବୈଜ୍ଞାନିକ ଡ. ସଶାଙ୍କ ଲେଙ୍କା ଓ ଜିଲାର ଅଗ୍ରଣି କୃଷକମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡ. ସିଦ୍ଧାର୍ଥ କର ବୈଜ୍ଞାନିକ କୌଶଳ ଓ ଏହାର ଫଳାଫଳ, ଯୋଜନା ବିଷୟରେ ଭିଡିଓ ମାଧ୍ୟରେ ପ୍ରଦର୍ଶିତ କରାଯାଇଥିଲା। କ୍ଷେତ୍ର ପରିଦର୍ଶନ ଦ୍ୱାରା କାର୍ଯ୍ୟକ୍ରମର ମୂଲ୍ୟାଙ୍କନ କରାଯାଇଥିଲା।

# ଆଥ୍‌ଲେଟିକ, ସାମାଜିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ମାଲକାନଗିରି, ୧୮।୧୨ (ନୃସିଂହ ଚରଣ ମହାନ୍ତି)



ଉତ୍ସବରେ ମଞ୍ଚାସୀନ ଅତିଥି।

ରାଜ୍ୟ ସରକାରଙ୍କ ନୂତନ, ଉନ୍ନତ, ଅଭିଳାଷ-ଓଡିଶା (ନୂଆ-ଓ) କାର୍ଯ୍ୟକ୍ରମ ଆନୁକୂଲ୍ୟରେ ମାଲକାନଗିରି ମହାବିଦ୍ୟାଳୟ ପରିସରରେ ସୋମବାର ଆଥ୍‌ଲେଟିକ ଏବଂ ସାମାଜିକ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ମଶାଲ ଶୋଭାଯାତ୍ରା କରି ସାରି ବାଲ୍ୟ ବିବାହ ବନ୍ଦ କରିବା, ନିଶା ମୁକ୍ତ ସମାଜ ଗଠନ, ଶିକ୍ଷାର ପ୍ରଗତି, ଅନ୍ଧ ବିଶ୍ୱାସରୁ ଦୂରେଇ ରହିବା ନେଇ ସ୍ଲୋଗାନମାନ ଦେଇ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରିର ପୂର୍ବତନ ବିଧାୟକ ମାନସ ମାଡ଼କାମୀ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ କ୍ରୀଡା ଓ ସମାଜ ସଂସ୍କାର କାର୍ଯ୍ୟରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଗୌରୀ ପଡିଆମୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ କ୍ରୀଡା ଓ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା କ୍ରୀଡା ଅଧିକାରୀ ମାଧବ ପାଙ୍ଗି ଯୋଗ ଦେଇ କ୍ରୀଡା କ୍ଷେତ୍ରରେ ରହିଥିବା ବିଭିନ୍ନ ସୁଯୋଗ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇ ଏହାର ସୁଯୋଗ ନେବାକୁ କହିଥିଲେ। ଜିଲା ନୋଡାଲ ଅଧିକାରୀ ଡ଼. ରଞ୍ଜନ ସ୍ୱା.ଇଁ ସହଯୋଗ କରିଥିଲେ। ନୋଡାଲ ଅଧିକାରୀ ଉମେଶ ଚନ୍ଦ୍ର ରାଉତ ପରିଚାଳନା କରିଥିଲେ। ଅଧ୍ୟାପକ ଗୌତମ ନାୟକ, ସୁଶାନ୍ତ ମାଝୀ, ଟୁକୁନା ବଡୁ, ପ୍ରମୀୟ ମହାନ୍ତି, ବି.ଗୁପ୍ତେଶ୍ୱର ରାଓ, ଅଧ୍ୟାପିକା ପ୍ରେମରେଖା ଭତ୍ରା, ଲିପ୍ସାରାଣୀ ନାୟକ, ଆରତି ଲୁଗୁନ, ଦିପ୍ତୀରେଖା ମିଶ୍ର ସହଯୋଗ କରିଥିଲେ। ଏହି ଅବସରରେ ଢେମସା ନୃତ୍ୟ ପରିବେଷଣ ହୋଇଥିଲା।

# ତୀର୍ଥଯାତ୍ରା କରୁଥିବା ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

ପାପଡ଼ାହାଣ୍ଡି, ୧୮।୧୨ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକରୁ ତୀର୍ଥ ଯାତ୍ରା କରୁଥିବା ୫୨ଜଣ ବରିଷ୍ଠ ନାଗରିକଙ୍କୁ ସୋମବାର ବ୍ଲକ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ କାର୍ଯ୍ୟାଳୟରେ ବିଡିଓ ଦୁର୍ଯ୍ୟୋଧନ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଅଧ୍ୟକ୍ଷା ହେମଲତା ମାଝି, ଉପାଧ୍ୟକ୍ଷ ସୁଶାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ବରିଷ୍ଠ ନାଗରିକଙ୍କୁ ଫୁଲତୋଡ଼ା ଦେଇ ଯାତ୍ରା ସଫଳ ଲାଗି ଶୁଭେଚ୍ଛା ଜଣାଇଥିଲେ। ବସ୍‌ରେ ବରିଷ୍ଠ ନାଗରିକ ପ୍ରଥମେ ରାୟଗଡ଼ା ଯିବେ। ସେଠାରୁ ଟ୍ରେନ ଯୋଗେ ଶିରିଡି ଓ ନାସିକ ଅଭିମୁଖେ ଯାତ୍ରା କରିବେ।


ଲୋକପ୍ରତିନିଧି, ଅଧିକାରୀଙ୍କ ସହ ତୀର୍ଥଯାତ୍ରା କରୁଥିବା ବରିଷ୍ଠ ନାଗରିକ।

# ନାରୀ ନିର୍ଯାତନା, ବାଲ୍ୟ ବିବାହ ରୋକିବା ବାର୍ତ୍ତା

### ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନ କରୁଛନ୍ତି ଛାତ୍ରୀ

ଉମରକୋଟ, ୧୮।୧୨ (ସନ୍ତୋଷ ଶତପଥୀ)



ଛାତ୍ରୀମାନେ ନାଟକ ପରିବେଷଣ କରୁଛନ୍ତି।

ରାଜ୍ୟ ସରକାରଙ୍କ 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡିକରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି। ଉମରକୋଟ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଉମରକୋଟ ବସଷ୍ଟାଣ୍ଡରେ ଏକ ପଥପ୍ରାନ୍ତ ନାଟକ ଆୟୋଜନ କରାଯାଇଥିଲା। ଏଥିରେ ଛାତ୍ରୀମାନେ ନାରୀ ନିର୍ଯାତନା ସହ ବାଲ୍ୟ ବିବାହ ରୋକିବା, ନାରୀଙ୍କୁ ସମାଜରେ କିପରି ଅଗ୍ରାଧିକାର ଦିଆଯିବ ସେ ସମ୍ପର୍କରେ ସଚେତନ କରିଛନ୍ତି। ଛାତ୍ରୀଙ୍କ ଏପରି ପ୍ରୟାସ ଦେଖି ସହରବାସୀ ବେଶ୍ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ନମିତା ମହାପାତ୍ର, ନୋଡାଲ ଅଫିସର ନିରଞ୍ଜନ ପଣ୍ଡା, ଶ୍ରୀପତି ଆଚାର୍ଯ୍ୟ, ଦିଲ୍ଲୀପ ରଥ, ଅମରେଶ ମହାନ୍ତି, ରିହାନା ଫାତିମା, ପ୍ରୀତିରେଖା ମହାନ୍ତି, ସରୋଜ ମହାନ୍ତି, ଓମ୍‌ପ୍ରକାଶ ପଟ୍ଟନାୟକ ଓ ନରେଶ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଅମରେଶ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଚନ୍ଦନା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଛନ୍ତି।

